KOSHALA PRABAHA

# କୋଶଳ ପ୍ରବାହ

www.koshalaprabaha.com

Postal Regd.No.
BGR-02/2018-20
ବର୍ଷ - ୨୦ ■ ସଂଖ୍ୟା - ୩୮
Volum.-20 ■ Issue No.- 38
Sunday ■ Balangir
ରବିବାର ■ ବଲାଙ୍ଗିର

R.N.I.No.: ODIODI/2000/03637 ● ୦୯ ଅଗଷ୍ଟ - ୧୫ ଅଗଷ୍ଟ ୨୦୨୦ ● 09 Aug. - 15 Aug. 2020 ● Odia Weekly ● 8 Pages, Rs.2/- only

## ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା 'ଶ୍ରୀରାମ ଜନ୍ମଭୂମି ମନ୍ଦିର'ର ଭୂମି ପୂଜନ ସମ୍ପନ୍ନ

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗତ ୫ ତାରିଖ ଦିନ ଅଯୋଧ୍ୟାଠାରେ 'ଶ୍ରୀରାମ ଜନ୍ମଭୂମି ମନ୍ଦିର' ପାଇଁ ଭୂମି ପୂଜନ ସମ୍ପନ୍ନ କରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ପବିତ୍ର ଅବସରରେ ଉଦବୋଧନ ଦେଇ ଦେଶବାସୀ ଓ ସାରା ବିଶ୍ୱରେ ଥିବା ରାମଭକ୍ତମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହାକୁ ଏକ ଐତିହାସିକ କ୍ଷଣ ଭାବେ ବର୍ଣ୍ଣନା କରି ସେ କହିଥିଲେ ଯେ ଭାରତ ଆଜି ଏକ ଗୌରବମୟ ଅଧ୍ୟାୟର ଆରମ୍ଭ କରୁଛି । ଆଜି ସାରା ଦେଶବାସୀ ଉତ୍ସାହିତ ଏବଂ ଭାବପ୍ରବଣ ହୋଇଉଠିଛନ୍ତି । ସେମାନଙ୍କ ଦୀର୍ଘ ଶତାବ୍ଦୀର ସ୍ୱପ୍ନ ଆଜି ସାକାର ହୋଇପାରିଛି । ସେମାନଙ୍କ ମଧ୍ୟରୁ କିଛି ଲୋକ ସେମାନଙ୍କ ଜୀବନ କାଳ ମଧ୍ୟରେ ଏପରି କିଛି ଘଟୁଥିବା ବିଶ୍ୱାସ କରି ପାରୁନାହାନ୍ତି । ସେ କହିଥିଲେ ଯେ ରାମ ଜନ୍ମଭୂମି ବାରମ୍ବାର ଭାଙ୍ଗିବା ଏବଂ ପୁନଃନିର୍ମାଣ ହେବା ଚକ୍ରରୁ ମୁକ୍ତ ହୋଇଛି । ଏବେ ଟେଂଟ ସ୍ଥାନରେ ରାମଲଲାଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯିବ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ୧୫ ଅଗଷ୍ଟ ଯେପରି ସ୍ୱାଧୀନତା ପାଇଁ ସାରା ଦେଶରେ ସଂଗ୍ରାମ କରିଥିବା ଲୋକମାନଙ୍କ ବଳିଦାନର ପ୍ରତିନିଧିତ୍ୱ କରିଥାଏ ଠିକ ସେହିପରି ଆଜିର ଦିନ ରାମ ମନ୍ଦିର ପାଇଁ ପିଢ଼ି ପରେ ପିଢ଼ି ସଂଘର୍ଷ କରିଥିବା ଲୋକମାନଙ୍କ ସମର୍ପଣ ଏବଂ ନିରନ୍ତର ସଂଘର୍ଷର ପ୍ରତିନିଧିତ୍ୱ କରିବ । ରାମ ମନ୍ଦିର ସ୍ୱପ୍ନକୁ ସାକାର କରିବା ଲାଗି ସଂଘର୍ଷ କରିଥିବା ଲୋକମାନଙ୍କୁ ସେ ସ୍ମରଣ କରିବା ସହିତ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଆହୁରି କହିଥିଲେ ଯେ, ଶ୍ରୀରାମଙ୍କ ଅସ୍ତିତ୍ୱକୁ ଶେଷ କରିଦେବା ପାଇଁ ବାରମ୍ବାର ପ୍ରୟାସ କରାଯାଇଛି, କିନ୍ତୁ ସେ ଏବେ ବି ଆମ ସଂସ୍କୃତିର ଆଧାର ହୋଇ ରହିଛନ୍ତି । ସେ କହିଥିଲେ ଯେ ରାମ ମନ୍ଦିର ଆମ ସଂସ୍କୃତି, ଚିରନ୍ତନ ବିଶ୍ୱାସ, ରାଷ୍ଟ୍ରୀୟ ଭାବନା ଏବଂ ସାମୁହିକ ଇଚ୍ଛାଶକ୍ତିର ଆଧୁନିକ ପ୍ରତୀକ ଯାହା ଭବିଷ୍ୟତର (ସପ୍ତମ ପୃଷ୍ଠା ଦେଖନ୍ତୁ)



## ନିଖିଳ ରଥ 'ଗଗନଯାନ' ଟିମରେ ସାମିଲ୍



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ମାଟିର ତଥା ଓଡ଼ିଶା ରାଜ୍ୟର ଗର୍ବ ୱିଙ୍ଗ କମାଣ୍ଡର ନିଖିଳ ରଥ ଏବେ ମିସନ 'ଗଗନଯାନ' ପାଇଁ ମନୋନୀତ ହୋଇଥିବା ବେଳେ ଏଥିପାଇଁ ସେ ପୂର୍ଣ୍ଣ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । 'ଗଗନଯାନ' ତାଲିକାରେ ତାଙ୍କ ନାମ ପ୍ରକାଶିତ ହେବା ପରେ ସାରା ଓଡ଼ିଶାରେ ଖୁସିର ବାତାବରଣ ଦେଖାଦେଇଛି । ପିତା ରାଜନେତା ଅଶୋକ ରଥ ଏବଂ ମାତା ମହିଳା କମିସନ ସଦସ୍ୟା କୁସୁମ ରଥଙ୍କ ଏକମାତ୍ର ପୁତ୍ର ସନ୍ତାନ ନିଖିଳ ରଥ । ଇସ୍ରୋ ଏବେ ଅଣ୍ଟା ଭିଡ଼ି ଲାଗି ପଡ଼ିଛି 'ଗଗନଯାନ' ପ୍ରସ୍ତୁତିରେ । ସୂଚନାଯୋଗ୍ୟ ଯେ, 'ଗଗନଯାନ' ନିମନ୍ତେ ଗତ ୨୦୧୯ ସେପ୍ଟେମ୍ବରରେ ବାୟୁସେନାର ୧୨ ଜଣ ଯବାନମାନଙ୍କୁ ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଚୟନ ତାଲିକା ପ୍ରକାଶ କରିଥିବା ବେଳେ ସେହି ୧୨ ଜଣ ଯବାନଙ୍କ ମଧ୍ୟରେ ସାମିଲ ଅଛନ୍ତି ନିଖିଳ ।

ତେବେ ଏବେ ସେ ଋଷରୁ ପ୍ରଥମ ପର୍ଯ୍ୟାୟ ତାଲିମ ସଫଳତାର ସହ ସମାପ୍ତ କରିଛନ୍ତି ଏବଂ ସଂକ୍ଷିପ୍ତ ତାଲିକା ୪ ଜଣଙ୍କ ମଧ୍ୟରେ ରହିବା ସହ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ତାଲିମ ଜାରି ରଖିଛନ୍ତି ।

## ଭୀମ ଭୋଇ ମେଡ଼ିକାଲରେ ରୋଗୀ ମୃତ୍ୟୁକୁ ନେଇ ତୁମୁଳ କାଣ୍ଡ

### ଚିକିତ୍ସାରେ ଅବହେଳା ଅଭିଯୋଗ : ରୋଗୀ ମୃତ, ଡାକ୍ତର ଗୁରୁତର

ବଲାଙ୍ଗିର, (ନିପ୍ର) : ଗତ ଶନିବାର ଦିନ ଅପରାହ୍ନରେ ଭୀମ ଭୋଇ ମେଡ଼ିକାଲରେ ତୁମୁଳ କାଣ୍ଡ ଦେଖିବାକୁ ମିଳିଛି । ଡାକ୍ତରଙ୍କ ଅବହେଳା ଯୋଗୁଁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗରେ କାର୍ଯ୍ୟରତ ଡାକ୍ତରଙ୍କୁ ମାଡ଼ ହୋଇଛି । ସୂଚନାଯୋଗ୍ୟ ଯେ, ଘଟଣା ଦିନ ସକାଳୁ ପ୍ରାୟ ୯ଟା ସମୟରେ ବିଷ୍ଣୁମୁଣ୍ଡାର ଜିତେନ୍ଦ୍ର ସୁନାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ଭୀମ ଭୋଇ ମେଡ଼ିକାଲକୁ ଅଣା ଯାଇଥିଲା । ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ କୋଭିଡ଼୍ ଆଇସୋଲେସନ ୱାର୍ଡରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଦିନ ୨ଟା ପର୍ଯ୍ୟନ୍ତ କୌଣସି ଡାକ୍ତର ତାଙ୍କୁ ଚିକିତ୍ସା କରି ନଥିବା ବେଳେ ଦୁଇଟା ଅଧେରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି । ସେମାନେ ଆହୁରି କହିଛନ୍ତି ଯେ, ସେମାନେ ବାରମ୍ବାର ଓପିଡ଼ିରେ ଥିବା ଡାକ୍ତରଙ୍କୁ ଜଣାଇଥିଲେ ସୁଦ୍ଧା କେହି ଆସି ତାଙ୍କୁ ଦେଖୁ ନଥିଲେ । ଏପରିକି ସେମାନେ ହସ୍‌ପିଟାଲ୍‌ରେ ଥିବା ଫାଣ୍ଡିକୁ ଯାଇ ମଧ୍ୟ ଅଭିଯୋଗ କରିଥିବା କହିଛନ୍ତି । ଅନ୍ୟପଟେ କାର୍ଯ୍ୟରତ ଡାକ୍ତର ସୀମାଂଚଳ ଡାକୁଆଙ୍କୁ ଆକ୍ରମଣ ହେବା ଯୋଗୁଁ ଗୁରୁତର ହୋଇ ପଡ଼ିଥିବା ବେଳେ ଗୁରୁତର ଅବସ୍ଥାରେ ସେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କର ମୁଣ୍ଡ ଓ ହାତରେ ମାଡ଼ ହୋଇଥିବା ଡାକ୍ତରଖାନା ତରଫରୁ କୁହାଯାଇଛି । ଡାକ୍ତରଙ୍କୁ ମାଡ଼ ଅଭିଯୋଗରେ କାର୍ଯ୍ୟରତ ଡାକ୍ତରମାନେ ଓପିଡ଼ି ସମ୍ମୁଖରେ




ଧାରଣାରେ ବସିଛନ୍ତି । ସେମାନେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଯେ, ମେଡ଼ିକାଲ ପକ୍ଷରୁ ମୃତ ରୋଗୀ ଜିତେନ୍ଦ୍ର ସୁନାଙ୍କ କୋଭିଡ଼୍ ଟେଷ୍ଟ ହେବା ପରେ ତାଙ୍କୁ (ସପ୍ତମ ପୃଷ୍ଠା ଦେଖନ୍ତୁ)

## ଦୋଷୀଙ୍କୁ ଗିରଫ୍ ଓ ନିର୍ଦ୍ଦୋଷୀଙ୍କୁ ଖଲାସ୍ ପାଇଁ ବିଷ୍ଣୁମୁଣ୍ଡାରେ ରାସ୍ତାରୋକ




ବଲାଙ୍ଗିର, (ନିପ୍ର) : ରବିବାର ସକାଳୁ ଜିତେନ୍ଦ୍ର ସୁନାଙ୍କ ହତ୍ୟାକାରୀଙ୍କ ଗିରଫ ଦାବୀରେ ବିଷ୍ଣୁମୁଣ୍ଡା ରାସ୍ତା ଅବରୋଧ କରାଯାଇଛି । ଗତକାଲି ବିଳମ୍ବିତ ରାତିରେ ଜିତେନ୍ଦ୍ର ସୁନାଙ୍କ ଶବ ପୋର୍ଟମର୍ଟମ କରାଯାଇ ବନ୍ଧୁ ପରିଜନଙ୍କୁ ହସ୍ତାନ୍ତର କରାଯାଇଥିବା ପରିଜନମାନେ କହିଛନ୍ତି । ଠିକ୍ ପରେ ପରେ (ସପ୍ତମ ପୃଷ୍ଠା ଦେଖନ୍ତୁ)

## କରୋନା ଖବର

ବଲାଙ୍ଗିର, (ନିପ୍ର) : ବଢ଼ି ଚାଲିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା । ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୨୧ ଲକ୍ଷ ୫୩ ହଜାର ୧୦କୁ ପହଂଚିଛି । ସେହିଭଳି ମୃତ୍ୟୁ ସଂଖ୍ୟା ମଧ୍ୟ ୪୩ ହଜାର ୩୭୯କୁ ଛୁଇଁଛି । ବଲାଙ୍ଗିର ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ୬୩୭ ଜଣ ଆକ୍ରାନ୍ତ ଚିହ୍ନଟ, ୪୧୫ ଜଣ ସୁସ୍ଥ ଏବଂ ୨୨୨ ଜଣ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ।

## ଚଟ୍‌ପଟ୍

ଆନଂଦ



କରୋନା ମାଡ଼ରେ
ସଭିଏଁ ଘାଇଲା
ଜୀବନ ଜୀବିକା ଥରହର
ମାଳ ମାଳ ଏଣେ
ରୋଗୀ ବଢ଼ିଲେଣି
ସରକାର କୁହେ ଥୟ ଧର ! !

## 'କୋଶଳ ପ୍ରବାହ'ର ୱେବ୍ ନ୍ୟୁଜ୍ ପୋର୍ଟାଲ୍ 'କୋଶଳ ପ୍ରବାହ ଲାଇଭ୍'ଲୋକାର୍ପିତ

## ଡିଜିଟାଲ୍ ଯୁଗରେ 'କୋଶଳ ପ୍ରବାହ'ର ୱେବ୍ ନ୍ୟୁଜ୍ ପୋର୍ଟାଲ ନିଶ୍ଚୟ ସମାଜ ପାଇଁ ବିଶେଷ ଉପକାରୀ ହେବ : ନରସିଂହ

ବଲାଙ୍ଗିର, (ନିପ୍ର) : ଡିଜିଟାଲ ଯୁଗରେ 'କୋଶଳ ପ୍ରବାହ'ର ୱେବ୍ ନ୍ୟୁଜ୍ ପୋର୍ଟାଲ ନିଶ୍ଚୟ ସମାଜ ପାଇଁ ଉପକାରୀ ହେବ ବୋଲି ମୁଖ୍ୟଅତିଥି ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରକାଶ କରିଛନ୍ତି ।

ବଲାଙ୍ଗିରରୁ ପ୍ରକାଶ ପାଉଥିବା ସାପ୍ତାହିକ ସମ୍ବାଦପତ୍ର 'କୋଶଳ ପ୍ରବାହ'ର ୱେବ୍ ନ୍ୟୁଜ୍ ପୋର୍ଟାଲ୍ 'କୋଶଳ ପ୍ରବାହ ଲାଇଭ୍' ଗତ ୫ ତାରିଖ ଦିନ ସ୍ଥାନୀୟ ସାମ୍ବାଦିକ ଭବନରେ ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଯାଇଛି । କୋଭିଡ୍-୧୯ ନିୟମ ତଥା ସାମାଜିକ ଦୂରତା ରକ୍ଷା କରି ସୀମିତ ସାମ୍ବାଦିକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ନିରାଡ଼ମ୍ବର ଲୋକାର୍ପିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ମିଶ୍ର । 'କୋଶଳ ପ୍ରବାହ' ସଂପାଦକ ଆନଂଦ ଚଂଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର କହିଛନ୍ତି ଯେ, ସମ୍ବାଦ




ପରିବେଷଣ ସମୟରେ ସାମ୍ବାଦିକ କେବଳ ସମ୍ବାଦ ପରିବେଷଣ କରିବା ଦିଗରେ ଧ୍ୟାନ ଦେବା ଉଚିତ । ନିଜସ୍ୱ ମନ୍ତବ୍ୟ ଓ ଖବରକୁ ମିଶ୍ରଣ କରି ସମ୍ବାଦ ପରିବେଷଣ କଲେ, ଖବରର ମାନ ନ୍ୟୁନ ହୋଇଥାଏ । ଏଣୁ ସାମ୍ବାଦିକମାନେ ନିରପେକ୍ଷ ସମ୍ବାଦ ପରିବେଷଣ କରିବା ଦିଗରେ ଯଥା ସମ୍ଭବ ଚେଷ୍ଟିତ ହେବା ଉଚିତ; ଯଦ୍ୱାରା ଉଭୟ ସମ୍ବାଦ, ସମାଜ ଓ ରାଜନୀତିର ଫର୍ଚ୍ଚା ଚିତ୍ର ଲୋକଲୋଚନକୁ ଆସି ପାରିବ । ବର୍ତ୍ତମାନର ଡିଜିଟାଲ୍ ଯୁଗରେ 'କୋଶଳ ପ୍ରବାହ'ର ୱେବ୍ ନ୍ୟୁଜ୍ ପୋର୍ଟାଲ ଆରମ୍ଭ ଭଳି ପଦକ୍ଷେପ ନିଶ୍ଚୟ ସମାଜ ପାଇଁ ବିଶେଷ ଉପକାରୀ ହେବ । ଏହାର ଉତ୍ତରୋତ୍ତର ସମୃଦ୍ଧି କାମନା କରୁଛି ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବଲାଙ୍ଗିର ଜିଲ୍ଲା ପ୍ରତିନିଧି ଦେବାଶିଷ ମିଶ୍ର ।

## ସଂପାଦକୀୟ

### ଚାଷୀ ପାଇଁ ପଦକ୍ଷେପ

ଚାଷୀ ସବୁବେଳେ ଶୋଷଣର ଶିକାର ହୋଇ ଆସୁଛି । ତାହା କେତେବେଳେ ପ୍ରତ୍ୟକ୍ଷରେ ତ' ଆଉ କେତେବେଳେ ପରୋକ୍ଷରେ । ସାରା ଦେଶକୁ ଖାଦ୍ୟ ଯୋଗାଉଥିବା ଚାଷୀ ସବୁବେଳେ ନାନା ପ୍ରକାର ପ୍ରତାରଣର ଶିକାର ହେବା, କେବଳ ତା' ପାଇଁ ନୁହେଁ, ସାରା ଦେଶ ପାଇଁ ଲଜ୍ଜାର ବିଷୟ ନିଶ୍ଚୟ । ସାଂପ୍ରତିକ ପରିସ୍ଥିତିରେ ଚାଷ ଓ ଚାଷୀ ଉଭୟେ ସଂକଟର ଦ୍ୱାର ଦେଶରେ ଠିଆ ହୋଇଥିବା ବେଳେ କୃଷକର ମୁଖ୍ୟ ଆୟ ଧାନର ଅଭାବି ବକ୍ରି ତାର ମେରୁଦଣ୍ଡ ଭାଙ୍ଗି ଦେଇଛି । ଅକ୍ଲାନ୍ତ ପରିଶ୍ରମ ଓ ଅଧିକ ଅର୍ଥ ବ୍ୟୟ କରି ଋଷୀ ଯେଉଁ ଧାନ ଆଦାୟ କରେ ତା'ର ବାସ୍ତବିକ ମୂଲ୍ୟଠାରୁ ବହୁ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ ହୁଏ । ପରିସ୍ଥିତିର ତାଡ଼ନାରେ ହେଉ ବା ଆନୁସଂଗିକ ବ୍ୟବସ୍ଥାର ଅଭାବରେ ହେଉ, ଋଷୀ ଧାନ ବିକ୍ରି କରିଥାଏ । ବହୁ ମୂଲ୍ୟରେ ବିହନ, ସାର, ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରି ନିଜେ ଶାରିରୀକ ଓ ମାନସିକ ପରିଶ୍ରମ କରି ଧାନ ଫସଲ କରିଥିବା ଋଷୀ ଧାନ ଆଦାୟ ପରେ କିଂ କର୍ତ୍ତବ୍ୟ ବିମୁଢ଼ ହୋଇ ପଡ଼େ । ଖୁଚୁରା ଧାନ ବେପାରୀ ଓ ଦଲାଲର ଦୌରାତ୍ମ୍ୟ ଓ ନିର୍ଭର କରି ଆସୁଥିବା ସରକାରୀ ମଣ୍ଡିର ପ୍ରାଦୁର୍ଭାବ ତାକୁ ତାର ପରିଶ୍ରମର ଫଳ ଆଗରେ ଅତିକମ୍ ମୂଲ୍ୟରେ ବିକ୍ରି କରିବା ପାଇଁ ବାଧ କରାଏ । ସମସ୍ତଙ୍କୁ ଖାଦ୍ୟ ଯୋଗାଉଥିବା ଏହି ଋଷୀ ଧାନ ବିକ୍ରୟ ପରେ ନିଜେ ଗୁରୁତର ଅବସ୍ଥାରେ ରହିଥାଏ । ଆର୍ଥିକ ଉନ୍ନତି ପାଇଁ ଋଷୀ ବହୁ ପରିଶ୍ରମ କରୁଥିବାବେଳେ ବର୍ତ୍ତମାନର ପରିସ୍ଥିତି ଋଷୀ ଓ ଋଷର ମେରୁଦଣ୍ଡ ଭାଙ୍ଗିଛି । ଅନିୟମିତ ବର୍ଷା ସହିତ ଋଷରେ ବ୍ୟବହୃତ ଆନୁସଂଗିକ ସାମଗ୍ରୀର ବ୍ୟାପକ କଳା ବଜାର ଯୋଗୁଁ ଋଷୀ ଅନେକ ସମସ୍ୟାର ସମ୍ମୁଖୀନ ହୁଏ । କେତେକ ଋଷୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ହେଉ ବା କୌଣସି ବାକ୍-ପ୍ରଲୋଭନରେ ଶିକାର କିମ୍ବା ନିଜର ସଚେତନତା ଅଭାବରୁ ଧାନ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ ହୁଏ । ସାରା ଦେଶରେ ସରକାରୀ ସ୍ତରରେ ଧାନକ୍ରୟ କରାଯିବା ପାଇଁ ମଣ୍ଡି ଖୋଲା ଯାଇଛି । ଋଷୀମାନେ ଏହି ମଣ୍ଡିମାନଙ୍କ ଉପରେ ନିର୍ଭର କରି ଆସୁଛନ୍ତି । ଅନେକ ଋଷୀଙ୍କ ଗାଁ ବା ଋଷ କେନ୍ଦ୍ରଠାରୁ ବହୁତ ଦୂରରେ ଏହି ମଣ୍ଡିମାନେ ଖୋଲା ଯାଇଥିବାରୁ ଗମନାଗମନରେ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ହିସାବ କଲେ ଋଷୀ ମୁଣ୍ଡରେ ହାତ ଦେଇଥାଏ । ତେଣୁ ଋଷୀର ସୁବିଧାକୁ ଦେଖି ପ୍ରଶାସନ ସ୍ତରରେ ଯଦି କିଛି ସୁବନ୍ଦୋବସ୍ତ କରାଯାଇ ପାରନ୍ତା, ତେବେ ଋଷୀ ମୁହଁରେ ହସ ଫୁଟି ପାରନ୍ତା ।

ପଂଞ୍ଚାୟତସ୍ତରରୁ ଆରମ୍ଭ କରି ବଡ଼ ବଡ଼ ଗ୍ରାମମାନଙ୍କରେ ଧାନକେନ୍ଦ୍ର ମାନ ଖୋଲା ଗଲେ ଋଷୀ ତାର ଉପଯୁକ୍ତ ପରିଶ୍ରମର ମୂଲ୍ୟ ପାଇପାରନ୍ତା । ଏହାଦ୍ୱାରା ଋଷୀ ନିଜର ଧାନକୁ ଉଚିତ୍ ମୂଲ୍ୟରେ ସିଧାସଳଖ ସରକାରଙ୍କୁ ବିକ୍ରି କରିପାରନ୍ତା ଏବଂ ତା' ପରିଶ୍ରମର ଉଚିତ ମୂଲ୍ୟ ପାଇପାରନ୍ତା ।

## ତୁଳସୀ ଜୈନଙ୍କ ଅନନ୍ୟ ପ୍ରୟୋଗ

ମୋବାଇଲ୍ ନଂ.
୯୪୩୭୦୩୯୦୯୬



### ଏମାନେ ଅନାଥ ନୁହନ୍ତି

ସ୍ୱାର୍ଥପର ସଂସାର । କ୍ଷୁଦ୍ର ଲୋଭ ଯୁଗ ଯୁଗ ଧରି ମଣିଷର ଚେତନାକୁ ଗ୍ରାସ କରି ରଖିଛି । ସଭ୍ୟତାର ବଳିଷ୍ଠ କ୍ରମବିବର୍ତ୍ତନ ମଧ୍ୟ ଏହି ଆଦିମ ସଂଜ୍ଞାକୁ ପରିମାର୍ଜିତ କରିପାରି ନାହିଁ । 'ମୁଁ ଏବଂ ମୋର' ମଧ୍ୟରେ ଆହୁରି ବିସ୍ତୃତି ସୀମିତ । ଏଭଳି ସମୟରେ ଶିବ ପ୍ରସାଦ ପାଣ୍ଡିଆଙ୍କ ଭଳି ବ୍ୟକ୍ତିତ୍ୱ କେବଳ ବ୍ୟତିକ୍ରମ ଭାବରେ ନୁହେଁ କାଳଜୟୀ ଆଦର୍ଶ ରୂପରେ ଆପଣାକୁ ପ୍ରତିଷ୍ଠିତ କରି ପାରିଛନ୍ତି ।

ପଶ୍ଚିମ ଓଡ଼ିଶାର ଜଣେ ନିର୍ଭୀକ ଏବଂ ସଂବେଦନଶୀଳ ସାଂବାଦିକ ଶିବପ୍ରସାଦ ପାଣ୍ଡିଆଙ୍କ ଗତ ୨୨ ଅପ୍ରିଲ ୨୦୦୮ ଦିନ ବୟାଅଶୀ ବର୍ଷ ବୟସରେ ପରଲୋକ ଘଟିଛି । ସେହି ମହାମନାଙ୍କ ଜୀବନରେ ଏକ ଐତିହାସିକ ପ୍ରସଙ୍ଗ ।

୧୯୭୪ ଡିସେମ୍ବର ୧୩ ତାରିଖ । ଭୁବନେଶ୍ୱର ଖଣ୍ଡଗିରି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସାନ ଭାଇ ଭକ୍ତପ୍ରସାଦ ଏବଂ ବୋହୂ ଆହ୍ଲାଦିନୀ ପ୍ରାଣ ହରାଇଲେ । ଶିବପ୍ରସାଦ ପାଣ୍ଡିଆ ଗଭୀର ଆଘାତ ପାଇ ମୃତ୍ୟୁ ସହିତ ସଂଘର୍ଷ କରି ବଂଚିଗଲେ । ଭାଇ ତଥା ଭାଇପତ୍ନୀଙ୍କ ମୃତ୍ୟୁ ଖବର ପାଇ କ୍ଷଣିକ ପାଇଁ ବାକ୍ଶୂନ୍ୟ ହୋଇପଡ଼ିଲେ । କିନ୍ତୁ ପର ମୁହୂର୍ତ୍ତରେ ନିଜକୁ ସମ୍ଭାଳି ନେଇ ସାମନାରେ ଦଣ୍ଡାୟମାନ କର୍ତ୍ତବ୍ୟର ରୁଦ୍ର ଆହ୍ୱାନକୁ ଆପଣେଇ ନେଲେ । ସେତେବେଳ ତାଙ୍କ ପୁଅଝିଅ ମିଶି ଆଠ ଏବଂ ଭାଇଙ୍କର ମଧ୍ୟ ଆଠ । ମୋଟ ଷୋହଳ । ପରିବାରର ଆତ୍ମୀୟ ସ୍ୱଜନମାନେ ସ୍ୱର୍ଗତ ଭକ୍ତପ୍ରସାଦର ପୁଅଝିଅମାନଙ୍କୁ ବାଂଟି ନେଇ ଲାଳନ ପାଳନ କରିବାର ପ୍ରସ୍ତାବ ଦେବାରୁ ଶିବପ୍ରସାଦ ପ୍ରତିକ୍ରିୟା ପ୍ରକାଶ କରି କହିଲେ - 'ଏମାନେ ସେମାନଙ୍କ ଜନ୍ମଦାତାଙ୍କୁ ହରାଇଛନ୍ତି । କିନ୍ତୁ ଏମାନଙ୍କୁ ଅନାଥ ବୋଲି କେହି ଭାବିବାର ଦରକାର ନାହିଁ । ଆଜି ପର୍ଯ୍ୟନ୍ତ ମୋର ଆଠଟି ସନ୍ତାନ ଥିଲେ । ଆଜିଠାରୁ ମୁଁ ଷୋହଳଟି ସନ୍ତାନର ବାପା ।' ଏହି କ୍ରମରେ ଝୁନୁ, ଯିଏ ବାପାମା'ଙ୍କ ଅଷ୍ଟମ ସନ୍ତାନ ଥିଲା, ଆକସ୍ମିକ ଭାବରେ ଷୋହଳ ଭାଇ ଭଉଣୀଙ୍କ ମଧ୍ୟରେ ତାର ସଂଖ୍ୟା ଏଗାର ନମ୍ବରକୁ ଖସି ଆସିଲା ।

ଆଦର୍ଶ ସହଧର୍ମିଣୀ ଗିରିଜା ଦେବୀଙ୍କ ବାତ୍ସଲ୍ୟଭରା ସହଯୋଗ ପାଇ ଶିବବାବୁ ଏହି ସମସ୍ତ ପୁଅଝିଅଙ୍କୁ କେବଳ ଖୁଆଇ ପିଆଇ ବଡ଼ କରି ନାହାନ୍ତି । ସମସ୍ତଙ୍କୁ ପାଠ ପଢ଼ାଇ ମଣିଷ କରି ସମାଜରେ ପ୍ରତିଷ୍ଠିତ କରାଇଛନ୍ତି ଏବଂ ସତ୍ପାତ୍ର ଦେଖି ସେମାନଙ୍କ ବିବାହ ଆଦି ଦାୟିତ୍ୱର ବି ସମ୍ୟକ୍ ନିର୍ବହନ କରିଛନ୍ତି ।

ସ୍ୱାର୍ଥର ବିସ୍ତୀର୍ଣ୍ଣ ସମୁଦ୍ର ମଧ୍ୟରେ ଏପରି ମଣିଷ ହିଁ ଆଶ୍ୱାସନାର ଦୀପ ଓ ଦ୍ୱୀପ ସାଜିଥା'ନ୍ତି ।

## ନୂଆଁଖାଇ ସମୟରେ କୌଣସି ବିଭ୍ରାଟ ସୃଷ୍ଟି ନ କରିବାକୁ ଓଡ଼ିଶା ପ୍ରଶାସନକୁ କୋଶଳ ରାଜ୍ୟ ସମନ୍ୱୟ ସମିତିର ପରାମର୍ଶ



ବଲାଙ୍ଗିର, (ନିପ୍ର) : ନୂଆଁଖାଇ ହେଉଛି କୋଶଳାଂଚଳର ମହାନ ଗଣପର୍ବ । ଏହି ପର୍ବ ସହ କୋଶଳାଂଚଳର ଦୁଇ କୋଟି ଜନସାଧାରଣଙ୍କ ଭାବ ପ୍ରବଣା ଓତଃପ୍ରୋତ ଭାବରେ ଜଡ଼ିତ ହୋଇଛି । ତେଣୁ ନୂଆଁଖାଇ ପାଳନ ସମୟରେ କୋଭିଡ଼-୧୯ ଆଳରେ ପ୍ରଶାସନ କୌଣସି ପ୍ରକାର ବ୍ୟାଘାତ ସୃଷ୍ଟି ନ କରି ଏହି ପର୍ବ ପାଳନ ପାଇଁ ସହଯୋଗ କରିବାକୁ କୋଶଳ ରାଜ୍ୟ ସମନ୍ୱୟ ସମିତି ଅନୁରୋଧ କରିଛି । ଏଠାରେ ସ୍ମରଣଯୋଗ୍ୟ ଯେ, ରଜ ପର୍ବ ପାଳନ ପାଇଁ ଓଡ଼ିଶା ପ୍ରଶାସନ ପ୍ରସ୍ତାବିତ ସଟ୍ ଡାଉନ୍ ସମୟରେ ମଧ୍ୟ ଅନେକ ପ୍ରକାର ରିହାତି ଦେଇଥିଲେ । ତେଣୁ ନୂଆଁଖାଇ ସମୟରେ ମଧ୍ୟ ରାଜ୍ୟ ସରକାର କୋଶଳାଂଚଳର ଜନସାଧାରଣଙ୍କୁ ଆବଶ୍ୟକୀୟ ରିହାତି ଦେବା ସହ ଏହି ପର୍ବ ପାଳନ ପାଇଁ ସହଯେଗା କରିବା ଆବଶ୍ୟକ । କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ସଦା ସର୍ବଦା କୋଶଳାଂଚଳକୁ ଆଂଚଳିକ ବୈଷମ୍ୟର ଶିକାର କରି ଆସିଛନ୍ତି । ଏ ଅଂଚଳର ଭାଷା, ସଂସ୍କୃତି ଓ ଐତିହ୍ୟକୁ ଅବମାନନା କରି ଆସିଛନ୍ତି । ଉପକୂଳ ଓଡ଼ିଶାର ପର୍ବ ପର୍ବାଣୀକୁ ରାଜ୍ୟ ପ୍ରଶାସନ ତରଫରୁ ଯେଉଁ ଭଳି ସମ୍ମାନ ଓ ପ୍ରୋତ୍ସାହନ ଦିଆଯାଇଛି, କୋଶଳାଂଚଳର ପର୍ବପର୍ବାଣୀକୁ ସେଭଳି ପ୍ରୋତ୍ସାହନ ଦିଆ ଯାଇନାହିଁ । ତେଣୁ ଏ ଅଂଚଳର ଜନ ସାଧାରଣଙ୍କ ମନରେ ସଦା ସର୍ବଦା ଓଡ଼ିଶା ପ୍ରଶାସନ ପ୍ରତି ସଂଦେହ ରହିଛି । ତେଣୁ ନୂଆଁଖାଇ ଭଳି ଏକ ମହାନ ଗଣପର୍ବକୁ କ୍ଷତି କଲା ଭଳି କୌଣସି ପଦକ୍ଷେପ ଯଦି ରାଜ୍ୟ ସରକାର ନିଅନ୍ତି, ତେବେ କୋଶଳାଂଚଳର ଦୁଇ କୋଟି ଜନ ସାଧାରଣ ସରକାରଙ୍କୁ କ୍ଷମା କରିବେ ନାହିଁ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଓ ସାଧାରଣ ସଂପାଦକ ସୁନୀଲ କୁମାର ପୁରୋହିତ ମତବ୍ୟକ୍ତ କରିଛନ୍ତି । ନୂଆଁଖାଇର ସଠିକ୍ ପାଳନ ଓ ସଂଚାଳନ ପାଇଁ ଅନ୍ୟୁନ ଚାରି ଦିନ ପୂର୍ବରୁ ଓ ଦୁଇ ଦିନ ପର ପର୍ଯ୍ୟନ୍ତ ପ୍ରଶାସନିକ ବ୍ୟବସ୍ଥାରେ କୋହଳ କରିବା ପାଇଁ କୋଶଳ ରାଜ୍ୟ ସମନ୍ୱୟ ସମିତି ଦାବୀ କରିଛି ।

ଏହାଛଡ଼ା ସାମାଜିକ ଦୂରତ୍ୱକୁ ଆଖି ଆଗରେ ରଖି କୋଶଳାଂଚଳର ଜନ ସାଧାରଣ ଏହି ମହାନ ଉତ୍ସବକୁ ପାଳନ କରିବା ପାଇଁ କୋଶଳ ରାଜ୍ୟ ସମନ୍ୱୟ ସମିତି କୋଶଳାଂଚଳର ଦୁଇ କୋଟି ଜନ ସାଧାରଣଙ୍କୁ ମଧ୍ୟ ଅନୁରୋଧ କରିଛି ।



ମାସ୍କ ପିନ୍ଧନ୍ତୁ, ବାରମ୍ବାର ସାବୁନରେ ହାତ ଧୁଅନ୍ତୁ, ସାମାଜିକ ଦୂରତା ରକ୍ଷା କରନ୍ତୁ...
କରୋନା ସଂକ୍ରମଣରୁ
ରକ୍ଷା ପାଆନ୍ତୁ ।
ନିଜ ସୁରକ୍ଷା, ନିଜ ହାତରେ ।

## ପଶ୍ଚିମ ଓଡିଶାର ଶ୍ରମିକମାନଙ୍କ ଜୀବନଜୀବିକା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ଜଣାଇଲା ପଶ୍ଚିମ ଓଡିଶା ମାଇଗ୍ରେସନ ନେଟୱର୍କ

ବଲାଙ୍ଗିର, (ନିପ୍ର) : କୋରୋନା ମହାମାରୀ ପରିସ୍ଥିତିରେ ସମଗ୍ର ଜନଜୀବନ ପ୍ରଭାବିତ ହୋଇଥିବା ବେଳେ ଏହାର ଅର୍ଥନୈତିକ ଅଧୋଗତିର ପ୍ରଭାବ ଦେଖିବାକୁ ମିଳିଛି ପଶ୍ଚିମ ଓଡିଶାରେ । ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱରୂପ ଗତ କିଛି ମାସ ମଧ୍ୟରେ ଚାରି ଲକ୍ଷ ପ୍ରବାସୀ ଓଡିଶା ଫେରିବାକୁ ପଞ୍ଜିକରଣ କରିଥିବା ବେଳେ ଟିଏମସି. ମାଧ୍ୟମରେ ପଶ୍ଚିମ ଓଡିଶାକୁ ଦୁଇ ଲକ୍ଷ ରୁ ଅଧିକ ଫେରିଥିବା ପ୍ରବାସୀ ଶ୍ରମିକ ପଞ୍ଜୀକରଣ କରିଛନ୍ତି । ପଶ୍ଚିମ ଓଡିଶାର ପ୍ରବାସୀମାନେ ମୁଖ୍ୟତଃ ଦଳିତ, ଆଦିବାସୀ, ପଛୁଆ ବର୍ଗ ତଥା ଭୂମିହୀନ ଏବଂ କୃଷି ଶ୍ରମିକ ଶ୍ରେଣୀର ଅଟନ୍ତି । ଏହି ଅଂଚଳରେ ଅଭାବୀ ସ୍ଥାନାନ୍ତରଣ, ଦାଦନ ବା ଋଣ ଜନିତ ଶ୍ରମ ସ୍ଥାନାନ୍ତରଣର ଅଂଚଳ ଭାବରେ ମଧ୍ୟ ପରିଚିତ । ସ୍ଥାନାନ୍ତରଣକୁ ହ୍ରାସ କରିବା ପାଇଁ ଓଡିଶା ସରକାର ପଶ୍ଚିମ ଓଡିଶାର ୬ ଟି ଜିଲ୍ଲା କୁ ଅଧିକ ପ୍ରବାସୀ ଶ୍ରମିକ ସ୍ଥାନାନ୍ତରଣ ପ୍ରବଣ ଜିଲ୍ଲା ଭାବରେ ଚିହ୍ନଟ କରିଛନ୍ତି । ଏହି ଶ୍ରମିକ ମାନେ ନିଜ ଘରକୁ ଫେରି ହାତ ବାନ୍ଧି ବସିଛନ୍ତି । ବର୍ଷାର ଅଭାବ ଓ କୃଷି କ୍ଷେତ୍ରରେ କାର୍ଯ୍ୟର ଅଭାବ ସେମାନଙ୍କୁ ଜୀବନ ବଂଚାଇବାକୁ ଜୀବିକାକୁ ଗୁରୁତ୍ୱ ଦେବାକୁ ବାଧ୍ୟ କରୁଥିବାରୁ ରାଜ୍ୟ ସରକାର ନରେଗା ମାଧ୍ୟମରେ କାର୍ଯ୍ୟଦେବାକୁ ଘୋଷଣା କରିଛନ୍ତି । ତେବେ ଅନେକ କ୍ଷେତ୍ରରେ ଲୋକଙ୍କୁ କାମ ଦିଆ ନ ଯାଇ ମେସିନ ଦ୍ୱାରା କାମ କରାଯାଉଥିବାଦେଖିବାକୁ ମିଳୁଛି । ଏପରି ସମୟରେ ପଶ୍ଚିମ ଓଡିଶାର ଅଭାବୀ ସ୍ଥାନାନ୍ତରଣକୁ ରୋକିବାକୁ କେତେକ ପଦକ୍ଷେପ ନେବାକୁ ଓ ଏ ଦିଗରେ ଯୌଜନା କରିବା ସମୟରେ ସମଗ୍ର ଓଡିଶାର ଶ୍ରମଜୀବୀ ସ୍ଥାନାନ୍ତରଣକୁ ସମାନ ଯୋଜନାରେ ନ ରଖି ପଶ୍ଚିମ ଓଡିଶାର ଅଭାବି ସ୍ଥାନାନ୍ତରଣ ବା ଦାଦନ ସମସ୍ୟାକୁ ଅଲଗା ଭାବେ ଧ୍ୟାନ ଦେବାକୁ ଓଡିଶାର ମାନ୍ୟନର ମୁଖ୍ୟମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ଅନୁରୋଧ କରିଛି ପଶ୍ଚିମ ଓଡିଶା ମାଇଗ୍ରେସନ ନେଟୱର୍କ ।

ଗତ ଦୁଇ ଦଶନ୍ଧି ମଧ୍ୟରେ ଏହି ଅଂଚଳରେ ଲୋକଙ୍କ ଅସହାୟତା, ମରୁଡି ଓ ଅଭାବି ସ୍ଥାନାନ୍ତରଣକୁ ରୋକିବା ପାଇଁ ଅନେକ ସରକାରୀ ଯୋଜନା ସହିତ ଓଡିଶା ସରକାରଙ୍କ ପ୍ରମୁଖ ସରକାରୀ ବିଭାଗ ଯଥା ଶ୍ରମ ବିଭାଗ, ଏବଂ ଜିଲ୍ଲା ତଥା ରାଜ୍ୟ ବେଆଇନ ମାନବ ଚାଲାଣ ନିରୋଧୀ ୟୁନିଟ ଆଦି ବେଆଇନ ଶ୍ରମ ଚାଲାଣ କାରବାରକୁ ତଦାରଖ କରିବାରେ, ଦଣ୍ଡ ବିଧାନ କରିବା ଓ ଆଇନକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବା ବେଳେ ସଂପ୍ରତି କୋରୋନା ପରିସ୍ଥିତିରେ ଏମଜିଏନଆରଇଜିଏ.କୁ ଶୃଙ୍ଖଳିତ କରିବା ଏବଂ ପ୍ରମୁଖ କାର୍ଯ୍ୟକ୍ରମ ଅନ୍ତର୍ଗତ ସର୍ବନିମ୍ନ ମଜୁରୀ ଦର ବୃଦ୍ଧି ପାଇଁ ଓଡିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛି ପଶ୍ଚିମ ଓଡିଶା ମାଇଗ୍ରେସନ ନେଟୱର୍କ । କୋଭିଡ ଯୋଗୁଁ ମାର୍ଚ୍ଚ ୨୪ ରେ ସାରା ଦେଶରେ ଲକଡାଉନ ଘୋଷିତ ହୋଇଥିଲା ଏବଂ ଏହାର ପରବର୍ତ୍ତି ଅବସ୍ଥାରେ ବହୁ ସଂଖ୍ୟକ ଘରଫେରନ୍ତା ପ୍ରବାସୀ ଶ୍ରମିକ ସମ୍ମୁଖୀନ ହୋଇଥିବା ଦୁଃଖ, ଯନ୍ତ୍ରଣା, ଭୋକ ଓ ବେରୋଜଗାର ପରିସ୍ଥିତିରୁ ସାଧାରଣ ଜୀବନ ବଂଚିବା ପାଇଁ ସଂଘର୍ଷ କରୁଥିବା ବେଳେ ଏହାକୁ ସୁଧାରିବାକୁ କେତେକ ଦୁରଦୃଷ୍ଟି ସମ୍ପନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ପଶ୍ଚିମ ଓଡିଶାରେ ପ୍ରବାସୀ ଶ୍ରମିକଙ୍କ ଅସହାୟତା ଜନିତ ସମସ୍ୟାର ସମାଧାନ କରିବା ପାଇଁ ପଶ୍ଚିମ ଓଡିଶା ମାଇଗ୍ରେସନ ନେଟୱର୍କ ପ୍ରସ୍ତାବ ଦେଇଛି । ସମସ୍ତ ପ୍ରବାସୀମାନଙ୍କୁ ସଂଗରୋଧ ପରବର୍ତ୍ତି ୨୦୦୦ ଟଙ୍କା ସହାୟତା ଘୋଷଣା ଅନୁସାରେ ତୁରନ୍ତ ଯୋଗାଇ ଦିଆଯିବା ସହିତ ଶ୍ରମ ନିଯୁକ୍ତି ପାଇଁ କଂଟ୍ରାକ୍ଟର ଦ୍ୱାରା ଦିଆଯାଉଥିବା ଅଗ୍ରୀମ ସହିତ ଜଡିତ ବେଆଇନ ଅର୍ଥ ହେରଫେରକୁ ରୋକିବା, ପଂଚାୟତ ସ୍ତରରେ ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକଙ୍କ ଉପରେ ନଜର ରଖିବା, ରୋକିବା ଏବଂ ପଞ୍ଜୀକରଣ କରିବା ପାଇଁ ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକ ଆଇନ ଅନୁସାରେ ସରକାର ନୂତନ ନିର୍ଦ୍ଦେଶାବଳୀ ଜାରି କରିବା, ସମସ୍ତ ଗରିବ ଏବଂ ଅସୁରକ୍ଷିତ ପ୍ରବାସୀ ତଥା ସମ୍ଭାବ୍ୟ ପ୍ରବାସୀ ଶ୍ରମିକ ମାନଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧିନରେ ପଞ୍ଜୀକୃତ କରିବା ଉଚିତ ଏବଂ ରିହାତି ଦରରେ ଖାଦ୍ୟ ଶସ୍ୟ ପ୍ରଦାନ କରିବା, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ଉପଯୁକ୍ତ ଯତ୍ନ ନିଆଯିବା ଏବଂ ସଂଗରୋଧ ଅବଧି ସରିବା ପରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାପାଇଁ ପସ୍ତାବ ଦିଆଯାଇଛି ।

ଏହା ସହିତ ଆଗାମୀ ୬ ମାସ ପର୍ଯ୍ୟନ୍ତ ନିରନ୍ତର ୩୦୦ ଦିନର ନିଯୁକ୍ତି ଯୋଗାଇ ଦିଆଯିବାକୁ ଓ ସମସ୍ତ ପ୍ରବାସୀ ପିଲାମାନେ, ଯେଉଁମାନେ ଗ୍ରାମକୁ ଫେରିବା ପରେ ମୌଳିକ ଶିକ୍ଷାରୁ ବଂଚିତ ହୋଇଥିଲେ, ସେମାନଙ୍କୁ ପ୍ରତିକାର ଶିକ୍ଷା କିମ୍ବା ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଅଧିନରେ ନାମ ଲେଖାଇ ଆନୁଷ୍ଠାନିକ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଯିବାକୁ, ପଶ୍ଚିମ ଓଡିଶା ଜିଲ୍ଲାରେ ୨୦୦୦୦ ପିଲା ରହିବା ପାଇଁ ଋତୁକାଳିନ ଆବାସିକ ଶିକ୍ଷା ଯୋଜନା କରାଯିବା ସହିତ ସମସ୍ତ ଅଣକୁଶଳୀ ପ୍ରବାସୀ ଶ୍ରମିକଙ୍କୁ ଚିହ୍ନଟ କରାଯାଇ ଆବଶ୍ୟକ କୌଶଳ ବିକାଶ ତାଲିମ ଏବଂ କର୍ମସଂସ୍ଥାନ କରାଯିବାକୁ ପ୍ରସ୍ତାବ ଦିଆଯାଇଥିବା ବେଳେ ପ୍ରାଥମିକ କ୍ଷେତ୍ର (କୃଷି, ବାଉଁଶ ହସ୍ତଶୀଳ୍ପ, ଉଦ୍ୟାନ କୃଷି, ମତ୍ସ୍ୟଚାଷ, ଜଙ୍ଗଲଯାତ ଦ୍ରବ୍ୟ, କୁକୁଡା ପାଳନ ଆଦି) ଉପରେ ନିବେଶ, ଋଣ ବ୍ୟବସ୍ଥା, ଚାକିରି ସୃଷ୍ଟି ଓ ମାର୍କେଟିଂ ଉପରେ ସର୍ବାଧିକ ପ୍ରାଧାନ୍ୟତା ଦେବାକୁ ମଧ୍ୟ କୁହାଯାଇଛି । ଏହା ସହିତ କ୍ଷୁଦ୍ର

(ସପ୍ତମ ପୃଷ୍ଠା ଦେଖନ୍ତୁ)

## କରୋନାରେ ମୃତ୍ୟୁବରଣ କରିଥିବା ସାମ୍ବାଦିକ ସୀମାଂଚଳ ପଣ୍ଡାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଅନୁରୋଧ

ବ୍ରହ୍ମପୁର, (କେପିଏନ୍ଏସ୍) : ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ଗ୍ରାମରେ ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର 'ନବୀନ'ର ସାମ୍ବାଦିକ ସୀମାଂଚଳ ପଣ୍ଡାଙ୍କ ଗତ ଜୁଲାଇ ୧୩ ତାରିଖରେ କରୋନାରେ ମୃତ୍ୟୁବରଣ କରିଛନ୍ତି । ତେଣୁ ରାଜ୍ୟ ସରକାର କରୋନାରେ ମୃତ୍ୟୁବରଣ କରିଥିବା ସାମ୍ବାଦିକଙ୍କୁ ୧୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି । ଇତିମଧ୍ୟରେ ରାଜ୍ୟର ତିନିଜଣ ସାମ୍ବାଦିକ ଗଞ୍ଜାମର ଦୁଇ ଓ ଗଜପତିର ଜଣେ ସାମ୍ବାଦିକ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି । ଦୁଇଜଣଙ୍କ ପାଇଁ ସରକାରୀ ଘୋଷିତ ରାଶି ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିଥିବା ବେଳେ ସ୍ୱର୍ଗତ ସୀମାଂଚଳଙ୍କ କ୍ଷେତ୍ରରେ ଏହା ଲାଗୁ କରାଯାଇନାହିଁ । ତେଣୁ ଏହି ପରିବାରକୁ ଘୋଷିତ ସହାୟତା ରାଶି ପ୍ରଦାନ କରିବା ପାଇଁ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ, ରାଜ୍ୟ ସରକାରଙ୍କ ମିଡିଆ ପରାମର୍ଶଦାତା ମାନସ ମଙ୍ଗରାଜ ଏବଂ ଗଞ୍ଜାମ ଜିଲାପାଳଙ୍କ ସହ ବରିଷ୍ଠ ପଦାଧିକାରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି ।

ଦୁଃଖଦ ବିଷୟ, ସ୍ୱର୍ଗତ ପଣ୍ଡା ଗତ ଜୁଲାଇ ୧୩ ତାରିଖରେ ମୃତ୍ୟୁବରଣ କରିଥିବା ବେଳେ ୮ ତାରିଖରେ ତାଙ୍କର ଏକମାତ୍ର ପୁତ୍ର ଅସିତ କୁମାର ପଣ୍ଡା ୩୧ ବର୍ଷ ବୟସରେ କରୋନା ଲକ୍ଷଣ ଦେଖାଯିବା ଯୋଗୁଁ ଚିକିତ୍ସା ପାଇଁ ନେବା ବେଳେ ମୃତ୍ୟୁବରଣ କରିଛନ୍ତି । ସ୍ୱର୍ଗତ ପଣ୍ଡାଙ୍କ ବିଧବା ପତ୍ନୀ, ବିଧବା ବୋହୂ ଓ ଏକ ବର୍ଷର ନାତି ନିଃସହାୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ସ୍ୱର୍ଗତ ପଣ୍ଡା ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ଥିଲେ । ଗତ ଦୁଇ ଦଶନ୍ଧି ଧରି ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନପ୍ରାପ୍ତ ସାପ୍ତାହୀକ 'ନବୀନ'ର ପ୍ରତିନିଧି ଭାବେ କାର୍ଯ୍ୟ କରି ଆସୁଥିଲେ । ତେଣୁ ଏ ଦିଗରେ ସରକାର ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ସହ ମୃତକଙ୍କ ଅସହାୟ ପରିବାରକୁ ସହାୟତା ପ୍ରଦାନ କରିବାକୁ ଶ୍ରୀ ରଥ ନିବେଦନ କରିଛନ୍ତି ।

## ସାଂସଦ ସୁରେଶ ପୂଜାରୀ ବି କରୋନା ପୋଜେଟିଭ

ବରଗଡ଼, (ସ୍ୱପ୍ର) : ଘୋଟି ଚାଲିଛି କରୋନା । ଲୋକେ ଛାନିଆଁ । ଏତିକି ବେଳେ ରାଜ୍ୟର ଆଉ ଜଣେ ବିଜେପି. ସାଂସଦ କରୋନା ପୋଜେଟିଭ୍ ଚିହ୍ନଟ ହୋଇଛନ୍ତି । ବରଗଡ଼ ସାଂସଦ ସୁରେଶ ପୂଜାରୀ ସଂକ୍ରମିତ ହୋଇଥିବା ନେଇ ନିଜେ ଟୁଇଟ ଜରିଆରେ ସୂଚନା ଦେଇଛନ୍ତି । ସେ ହୋମ ଆଇସୋଲେସଲରେ ରହି ସୁସ୍ଥ ଥିବା କହିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, ପେଟ୍ରୋଲିୟମ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ୟେଦୁରପ୍ପା କରୋନା ସଂକ୍ରମଣ ଯୋଗୁଁ ଚିକିତ୍ସିତ ହେଉଥିବା ବେଳେ ବିଜେପି.ର ବଳିଷ୍ଠ ନେତା ତଥା ସାଂସଦ ସୁରେଶ ପୂଜାରୀ ଆଜି କରୋନା ପୋଜିଟିଭ୍ ଚିହ୍ନଟ ହୋଇଛନ୍ତି ।

# ମରଣଯନ୍ତା ପାଲଟିଛି ଲାଟୁଟ ଓ ବନାରସ ପ୍ରଧାନମନ୍ତ୍ରୀ ସଡ଼କ

ସଇଁତଲା, (ସ୍ୱପ୍ର) : ସରକାରଙ୍କ ଦ୍ୱାରା ଗ୍ରାମାଂଚଳର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ୍ କେରମେଲି ପଂଚାୟତ ଲାଟୁଟ ଓ ବନାରସ ଗ୍ରାମର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମିତ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଜାତୀୟ ରାଜପଥ ୨୬କୁ ସଂଯୋଗ କରୁଥିବା ବେଳେ ଶୋଚନୀୟ ଅବସ୍ଥାରେ ପଡ଼ିଛି । ଲୋକେ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଥର ଏହି ରାସ୍ତାରେ ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଥିଲେ ମଧ୍ୟ ରାସ୍ତା



ମରାମତି ହୋଇ ପାରିନାହିଁ । ଗତ ୨୦୧୩ ମସିହାରେ ଏହି ରାସ୍ତାରେ ପିଚୁ ପଡ଼ିଥିବା ବେଳେ ୭ ବର୍ଷ ବିତିଯାଇଥିଲେ ସୁଦ୍ଧା ପୁନଃ ରାସ୍ତା ନିର୍ମାଣ କିମ୍ବା ମରାମତି କାର୍ଯ୍ୟ ହୋଇ ନଥିବା କୁହାଯାଇଛି । ଏ ସଂପର୍କରେ ଜିଲ୍ଲା ପରିଷଦ ସଭ୍ୟା ସରୋଜିନୀ ସାହୁ ଅନେକ ଥର ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କିଛି କାମ ହେଉନାହିଁ । ତେବେ ଆଗାମୀ ଦିନରେ ରାସ୍ତା ମରାମତି ନ ହେଲେ ଜନ ଆନ୍ଦୋଳନ ହେବ ବୋଲି ଜିଲ୍ଲା ପରିଷଦ ସଭ୍ୟା ମତ ପ୍ରକାଶ କରନ୍ତି । ତୁରନ୍ତ ରାସ୍ତା ମରାମତି ପାଇଁ ସାଧାରଣରେ ପ୍ରବଳ ଦାବୀ ହେଉଛି । ତେବେ ଏହି ରାସ୍ତା ପ୍ରତି ଯଥାଶୀଘ୍ର ସରକାର ତଥା ପ୍ରଶାସନ ଦୃଷ୍ଟି ଦିଅନ୍ତୁ ବୋଲି ବୁଦ୍ଧିଜୀବୀମାନେ ମତ ଦିଅନ୍ତି ।

# ପତ୍ନୀର ଚରିତ୍ରକୁ ସଂଦେହ କରି ହତ୍ୟାକାଣ୍ଡ : ଆତ୍ମ ସମର୍ପଣ କଲା ହତ୍ୟାକାରୀ

ନବରଂଗପୁର, (ସ୍ୱପ୍ର) : ଜନୈକ ଯୁବକ ନିଜ ପତ୍ନୀର ଚରିତ୍ରକୁ ସଂଦେହ କରି ହତ୍ୟାକାଣ୍ଡ ଘଟାଇବା ପରେ ଆତ୍ମ ସମର୍ପଣ କରିଛି ପୁଲିସ ପାଖରେ । ଏହି ଘଟଣା ସାରା ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ନବରଂଗପୁର ଜିଲ୍ଲା ଅଧୀନସ୍ଥ ଝରିଗାଁ ଥାନାର ହାତିବାରୀ ଗାଁରେ ଘଟିଛି ଏ ଭଳି ଏକ ଘଟଣା । ସୂଚନା ଅନୁସାରେ ହାତୀବାରି ଗାଁର ଡମ୍ବରୁ ଗୌଡ଼ (୨୦) ଏଇ କିଛି ମାସ ପୂର୍ବରୁ ଗାଁର ଜଣେ ନାବାଳିକାଙ୍କୁ ପ୍ରେମ ବିବାହ କରିଥିବା ବେଳେ ନିଜ ପତ୍ନୀର ଚରିତ୍ରକୁ ନେଇ ସବୁବେଳେ ସେ ସଂଦେହ କରୁଥିଲା । ଏହି ବିଷୟକୁ ନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବାରମ୍ବାର ଗାଳି ଗୁଲଜ ଲାଗି ରହିଥିଲା । ଏମାନଙ୍କ ସମସ୍ୟାର ସମାଧାନ ପାଇଁ ଗାଁରେ ବହୁ ବାର ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । କିନ୍ତୁ ସ୍ତ୍ରୀ ଉପରେ ଡମ୍ବରୁ ସଂଦେହ ହଟି ନଥିଲା । ତେବେ ଗତକାଲି ସକାଳ ବେଳା ପତିପତ୍ନୀଙ୍କ ମଧ୍ୟରେ ପୁଣି ଝଗଡ଼ା ହୋଇଥିଲା । ବିରକ୍ତି ପ୍ରକାଶ କରି ପତ୍ନୀ ନିଜ ଭଉଣୀ ଘରକୁ ଚାଲି ଯାଇଥିଲା । ତେବେ ଡମ୍ବରୁର ମନକୁ ପାପ ଛୁଇଁଲା । ଡମ୍ବରୁ ସଂଦେହ କଲା, ରତନ ଗୌଡ ନାମକ ତା'ର ଜଣେ ସଂପର୍କୀୟ ଶାଳକ ତା' ସ୍ତ୍ରୀକୁ ନେଇଯାଇଛି । ତେବେ ନିଜ ସ୍ତ୍ରୀକୁ ନ ପାଇ ଡମ୍ବରୁ ଗାଁର ଏକ ନାଳକୁ ଗାଧୋଇବା ପାଇଁ ଯାଇଥିବା ବେଳେ ରତନ ଗୁଁଡ଼ୁରୁ ଚଢ଼େଇ ଧରିବା ପାଇଁ ସେଠାରେ ଜାଲ ପକାଇଥିବା ଦେଖି ଉତ୍କ୍ଷିପ୍ତ ହୋଇ ଟାଙ୍ଗିଆରେ ରତନର ବେକକୁ ଚୋଟ ପକାଇଥିଲା । ଘଟଣା ସ୍ଥଳରେ ରତନର ମୁଣ୍ଡ ଗଣ୍ଡି ଅଲଗା ହୋଇ ଯାଇଥିବା ବେଳେ ହତ୍ୟାକାଣ୍ଡ ଘଟାଇବା ପରେ ହତ୍ୟାକାରୀ ଡମ୍ବରୁ ରାତିରେ ଆସି ପୁଲିସ



ପାଖରେ ଆତ୍ମ ସମର୍ପଣ କରିଥିଲା । ତେବେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

# କୋଭିଡ-୧୯ ପରିଚାଳନାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା

କଂଟାବାଂଜି, (ନିପ୍ର) : କୋଭିଡ-୧୯ ପରିଚାଳନା ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା । ସେ ଗଣମାଧ୍ୟମରେ କହିଛନ୍ତି ଯେ, ଓଡ଼ିଶାରେ ଯେଭଳି ବ୍ୟାପକ ଭାବରେ କରୋନା ବ୍ୟାପିଲାଣି ତାହା ଚିନ୍ତାର ବିଷୟ ହୋଇଥିବା ବେଳେ ସାରା ଓଡ଼ିଶାକୁ ଏହା ଗ୍ରାସ କରି ସାରିଲାଣି । ଦୀର୍ଘ ତିନି ଚାରି ମାସ ହେଲା ଆମେ ଓଡ଼ିଶା ରାଜ୍ୟବାସୀ ବିଶେଷ ଆତଙ୍କିତ ତଥା ବ୍ୟତିବସ୍ତ ହୋଇ ପଡ଼ିଛୁ । ରାଜ୍ୟ ସରକାର କରୋନାକୁ ଆକଟ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ସେ ଆହୁରି କହିଛନ୍ତି ଯେ, ମୁଁ ତିନି ମାସ ତଳେ କହିଛି ଲକ୍ଷେରୁ ଉର୍ଦ୍ଧ୍ୱ ସଂକ୍ରମିତ ବାହାରିବେ । ଟିଏମ୍ସି.ରୁ ସରକାର କରୋନା ଟେଷ୍ଟ କରନ୍ତୁ । କିନ୍ତୁ ସରକାର କଲେ ନାହିଁ । ଆଜି ତାର ପରିଣାମ ସ୍ପଷ୍ଟ ଭାବରେ ଦେଖିବାକୁ ମିଳୁଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗଂଜାମରେ ହୁ ହୁ ହୋଇ ବଢ଼ିଛି କରୋନା । ସର୍ବାଧିକ ସଂକ୍ରମଣ ସେହି ଜିଲ୍ଲାରେ । କରୋନାରେ ଆକ୍ରାନ୍ତ ହୋଇ ଏହି ଜିଲ୍ଲାରୁ ଶତାଧିକ ଲୋକେ ମୃତ୍ୟୁବରଣ କରିଛନ୍ତି । ସାରା ରାଜ୍ୟରେ ମଧ୍ୟ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ସବୁଠାରୁ ବଡ଼ କଥା ହେଲା, ନିକଟରେ ରାଜ୍ୟ ସରକାରଙ୍କ ଆଡ଼ିସନାଲ ଚିପ୍ ସେକ୍ରେଟାରୀ ଗଂଜାମ ଜିଲ୍ଲା ଗସ୍ତରେ ଯାଇ ସେ ସରକାରଙ୍କ ମୁଖା ଖୋଲି ଦେଇଛନ୍ତି ବୋଲି ବିଧାୟକ ଶ୍ରୀ ସାଲୁଜା ଦାବୀ କରିଥିବା ବେଳେ ସେ କହିଛନ୍ତି, ରାଜ୍ୟ ସରକାରଙ୍କ କୋଭିଡ-୧୯ ପରିଚାଳନାରେ କୌଣସି ମେସିନାରୀ ଠିକ୍ କାମ କରୁନାହିଁ ତଥା ଆମ୍ବୁଲାନ୍ସ ଆଦି ସେବା ଏଠାରେ ବିପର୍ଯ୍ୟସ୍ତ ବୋଲି ରିପୋର୍ଟ ଦିଆଯାଇଛି । ଡାକ୍ତରମାନେ ଠିକ୍ ଭାବରେ ହସ୍ପିଟାଲ୍ ଆସୁ ନାହାନ୍ତି, ଏ ସଂପର୍କରେ ନିଜେ ପ୍ରଦୀପ୍ତ ମହାପାତ୍ର ମତ ଦେଇଛନ୍ତି ବୋଲି ସେ କହିଛନ୍ତି । ରାଜ୍ୟ ସରକାରଙ୍କ ଆଡ଼ିସନାଲ ଚିପ୍ ସେକ୍ରେଟାରୀ ଯଦି ଏହା କହୁଛନ୍ତି, ତେବେ



ଏହାର ବାସ୍ତବ ଚିତ୍ର ଅନୁମାନ ସାପେକ୍ଷ ।

ଅତ୍ୟନ୍ତ କ୍ଷୋଭର ସହ ଶ୍ରୀ ସାଲୁଜା ପ୍ରକାଶ କରିଛନ୍ତି ଯେ, ବର୍ତ୍ତମାନ ରାଜ୍ୟ ସରକାର ହାତ ଟେକି ଦେଇଛନ୍ତି । ଏବେ ରୋଗୀମାନଙ୍କୁ ହୋମ୍ ଆଇସୋଲେସନ୍‌ରେ ରହିବାକୁ ମଧ୍ୟ ରାଜ୍ୟ ସରକାର ଅନୁମତି ଦେଇଛନ୍ତି । ରାଜ୍ୟ ସରକାର ଯେଭଳି ପୋଜେଟିଭକୁ ନେଗେଟିଭ, ନେଗେଟିଭକୁ ପୋଜେଟିଭ ଭାବରେ ଟେଷ୍ଟ ରିପୋର୍ଟ ପ୍ରଦାନ କରୁଛନ୍ତି, ସେଥିପାଇଁ ରାଜ୍ୟର ଜନସାଧାରଣଙ୍କ ରାଜ୍ୟ ସରକାରଙ୍କ ଉପରେ ବିଶେଷ ଆକ୍ରୋଶ ଦେଖିବାକୁ ମିଳିଛି । ସେ ଆହୁରି କହିଛନ୍ତି ଯେ, ତିନି ଦିନ ହେଲା ମୁଁ ସେକ୍ରେଟାରିଏଟ ଯାଉଛି । ଜଣେ ବି ସେକ୍ରେଟାରୀ ସେଠାରେ ନାହାନ୍ତି । ସମସ୍ତେ ଘରେ ରହିଛନ୍ତି । ତୃତୀୟ ମହଲା (ଥାର୍ଡ଼ ଫ୍ଲୋର)କୁ ଗତ ଦୁଇ ଦିନ ତଳେ ଦୁଇ ଜଣ ସାଂସଦ ଓ ତିନି ଜଣ ବିଧାୟକ ଯାଇଥିଲେ, ସେମାନଙ୍କୁ ଭିତରକୁ ପଶିବା ପାଇଁ ମନା କରାଗଲା । କେଉଁଭଳି ଭାବରେ ସରକାରୀ ଆଇନକୁ ଉଲଂଘନ କରାଯାଉଛି, ଏହା ହେଉଛି ତାହାର ନଗ୍ନ ନମୂନା । ରାଜ୍ୟ ସରକାର ସବୁକିଛି ଲୁଚାଉଛନ୍ତି । କରୋନାକୁ ପ୍ରତିରୋଧ କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କଂଗ୍ରେସ ନେତା କଂଟାବାଂଜି ବିଧାୟକ ଦୃଢ଼ତାର ସହ ମତ ରଖିଛନ୍ତି ।

# ଦେଶୀ ରନ୍ଧା ମଦ କାରବାରରେ ମହିଳା ସମେତ ୨ କୋର୍ଟ ଚାଲାଣ

ପାଟଣାଗଡ଼, (ନିପ୍ର) : ପାଟଣାଗଡ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନ ରେ ଚଢାଉ କରାଯାଇ ବିପୁଳ ପରିମାଣ ର ମହୁଲ ପୋଚ ନଷ୍ଟ କରାଯାଇଥିବା ବେଳେ ୧୫୦ ଲିଟର ଦେଶୀ ରନ୍ଧା ମଦ କୁ ଯବତ କରିବା ସହ ୨ ଜଣ ମଦ ବେପାରୀ କୁ ଗିର' କରି କୋର୍ଟ ଚାଲାଣ କରାଯାଇଛି । ସୁଚନା ଯୋଗ୍ୟ ଯେ ଆଜି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଟଣାଗଡ ଅବକାରୀ ଉପ ନିରୀକ୍ଷକ ବିଶ୍ୱାନାଥ ପରିଡା ଏବଂ ବଲାଙ୍ଗିର ନିରୀକ୍ଷକ ଉଦୟଲାଲ ନାୟକ ଖପ୍ରାଖୋଲ ବ୍ଲକ ର ବେନ୍ଦେର ଗ୍ରାମ ରେ ଅତର୍କିତ ଚଢାଉ କରି ଶହଶହ କୁଇଣ୍ଟାଲ ମହୁଲ ପ୍ରେକ୍ଷ କୁ ନଷ୍ଟ କରିବା ସହ ସେହି ଗାଁ ର ମଦ ମାଫିଆ ବା ବେଆଇନ ଦେଶୀ ମଦ ପ୍ରସ୍ତୁତ କରି ବିକ୍ରି କରୁଥିବା ଅଭିଯୋଗ ରେ ରାମକୃଷ୍ଣ ବନଛୋର ଏବଂ ଭଜମାନ ବାଗଙ୍କ ସ୍ତ୍ରୀ ତପସ୍ୱିନୀ ବାଗ ଠାରୁ ୧୫୦ ଲିଟର ମଦ ଯବତ କରି ଉଭୟ ଙ୍କୁ ଗିରଫ କରିଥିଲେ । କେଶ ନମ୍ବର ୫୮/୨୦୨୦ ଏବଂ ୫୯/୨୦୨୦ ରେ ମାମଲା ରୁଜୁ କରାଯାଇ ମହିଳା ମଦ ମାଫିଆଙ୍କ ସହ ଦୁଇ ଜଣଙ୍କୁ ଆଜି ସନ୍ଧ୍ୟା ରେ କୋର୍ଟ ଚାଲାଣ କରାଯାଇଥିବା ପାଟଣାଗଡ ଅବକାରୀ ନିରକ୍ଷକ ବିଶ୍ୱନାଥ ପରିଡା ସୁଚନା ଦେଇଛନ୍ତି । ଏହି ଚଢାଉରେ ମୋତିଲାଲ ସାଗର, ଅଜିତ ସାହୁ ଙ୍କ ସହ ପାଟଣାଗଡ ଏବଂ ବଲାଙ୍ଗିର ର ଅନେକ ଅବକାରୀ କର୍ମଚାରୀ ସାମିଲ ଥିଲେ । ପ୍ରକାଶ ଥାଉ କି ଲକଡାଉନ ସମୟ ରେ ବଲାଙ୍ଗିର ଜିଲ୍ଲା ର ପାଟଣାଗଡ ବ୍ଲକ ର ରେଙ୍ଗାଲି ଏବଂ ପଣ୍ଡରୀପାଣି ଗ୍ରାମ ରେ ବିପୁଳ ପରିମାଣ ର ରନ୍ଧା ମଦ ପ୍ରସ୍ତୁତ ହୋଇ ଚାଲାଣ କରାଯାଉଥିବା ଖବର ପାଇ ଅବକାରୀ ଟିମ ଘନଘନ ଚଢାଉ କରି ମଦ ମାଫିଆଙ୍କୁ କୋର୍ଟ



ଚାଲାଣ କରିଥିଲେ । ତଥାପି ଅଞ୍ଚଳର କିଛି କୁଜି ନେତା ଏହି କାରବାର ରେ ପରୋକ୍ଷ ସାମିଲ ଥିବା କାରଣରୁ ଏହି ମଦ ପ୍ରସ୍ତୁତ ମାଫିଆ ଙ୍କ ଆଇନ କାନୁନକୁ ଖାତିର ନକରି ପୁଣି ତାଙ୍କ ବେଆଇନ କାରବାର ରେ ସାମିଲ ରହୁଥିବା ଦେଖିବାକୁ ମିଳୁଛି ।

# ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ଜୁଲୁମ ସହି ନ ପାରି ଆତ୍ମହତ୍ୟା ଘଟଣା : ମୃତକ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ତହସିଲଦାରଙ୍କୁ ଦାବୀପତ୍ର ପ୍ରଦାନ


ବଙ୍ଗୋମୁଣ୍ଡା, (ସ୍ୱପ୍ର) : କରୋନା ମାଡରେ ଅନେକ ଲୋକଙ୍କ ଜୀବିକା ଯାଇଥିବା ବେଳେ କଣ୍ଟାବାଞ୍ଜି ଅଞ୍ଚଳରେ ଥିବା ଅନେକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଋଣ ପ୍ରଦାନ ନାମରେ ଶୋଷଣ କରୁଥିବା ଅଭିଯୋଗ ହୋଇଛି । ବିଭିନ୍ନ ଗ୍ରାମରେ ମହିଳାମାନଙ୍କୁ ଏକତ୍ରୀତ କରି ଏସଏଚଜି ଗ୍ରୁପ ନାମରେ ଋଣ ଦିଆଯାଉଥିବା ବେଳେ ଲକଡାଉନ ସମୟରେ ଟଙ୍କା ଅସୁଲି କରାଯାଉଛି । ଟଙ୍କା ସୁଝିବା ପାଇଁ ଚାପ ଦେବା ସହ ବାଧ୍ୟ ବାଧ୍ୟକତା କରାଯାଉଛି । ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ଜୁଲୁମ ସହି ନ ପାରି ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରି ମୃତ୍ୟୁବରଣ କରିଥିବା ବେଳେ କ୍ଷତିପୂରଣ ପ୍ରଦାନ କରିବା ପାଇଁ ବଙ୍ଗୋମୁଣ୍ଡା ତହସିଲଦାରଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ବଙ୍ଗୋମୁଣ୍ଡା ବ୍ଲକର କୁଣ୍ଡାବୁଟୁଲା ପଞ୍ଚାୟତର ବାଦିଚକା ଗ୍ରାମରେ ମହିଳାମାନଙ୍କୁ ଋଣ ଟଙ୍କା ଦିଆଯାଇଥିବା ବେଳେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଗ୍ରାମୀଣ କୋଟା କଣ୍ଟାବାଞ୍ଜି ଶାଖାର କର୍ମଚାରୀ ଲକଡାଉନ ସମୟରେ ଟଙ୍କା ଅସୁଲି କରିବା ପାଇଁ ଆସିଥିଲେ । ଗ୍ରାମର କଲ୍ୟାଣୀ ତେଜୀ ଟଙ୍କା ନ ଥିବାରୁ ଆର ସପ୍ତାହକୁ ଟଙ୍କା ସୁଝିବି ବୋଲି କହିଥିଲେ । କର୍ମଚାରୀଙ୍କ ଅତ୍ୟଧିକ ଚାପ ଏବଂ ଜୋରଜବରଦସ୍ତ ଯୋଗୁଁ ଘରକୁ ଆସି ଗତ ଜୁଲାଇ ୧୩ ତାରିଖରେ ଭାରସାମ୍ୟ ହରାଇ ନିଜ ଦେହରେ କିରୋସିନି ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ନେଇଥିଲେ । ପରେ ତାଙ୍କୁ ଖଡିଆଳ ମିସନ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅଗଷ୍ଟ ୧ ତାରିଖରେ ମୃତ୍ୟୁ ହୋଇ ଯାଇଥିଲା । ମହିଳାଙ୍କ ମୃତ୍ୟୁ ପରେ ସ୍ୱାମୀ ଟଣ ସୁନ୍ଦର ତେଜୀ ଏବଂ ତାଙ୍କର ଦୁଇ ପୁଅ ଗୁପ୍ତେ (୪), ତେଜୁ (୨) ବର୍ଷ ବେସାହାରା ହୋଇଯାଇଛନ୍ତି । ମୃତକ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ସହାୟତା ପ୍ରଦାନ କରିବା ପାଇଁ ଦାବୀ କରିବା ସହ ଆଗାମୀ ୭ ଦିନ ମଧ୍ୟରେ ଦାବୀ ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଆଜି ଏକ ଦାବୀପତ୍ର ବଙ୍ଗୋମୁଣ୍ଡା ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବୀପତ୍ର ପ୍ରଦାନ ସମୟରେ ମୃତ ମହିଳାଙ୍କ ସ୍ୱାମୀ ଠଣ ସୁନ୍ଦର ତେଜୀଙ୍କ ସହ ସମାଜସେବୀ ଅଜିତ କୁମାର ଯୋଷୀ, ଦୀନବନ୍ଧୁ ତେଜୀ, ପ୍ରତାପ ତେଜୀ, ଥଣ୍ଡିଚରଣ ନାଗ, ଡିସେମ୍ବର ତେଜୀ, ଭକ୍ତ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଏ ସଂପର୍କରେ ତହସିଲଦାର ଗୁଣମଣି ସୁନାନୀ ଗ୍ରାମିଣ କୋଟାର ମ୍ୟାନେଜରଙ୍କ ସହ ଯୋଗାଯୋଗ କରିଛି ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ବୋଲି ପ୍ରକାଶ କରିଥିଲେ ।

## ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ପାଇଁ ବିଜୁ ଜନତା ଦଳ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଅନ୍ ଲାଇନ କର୍ମଶାଳା

ବଲାଙ୍ଗିର, (ନିପ୍ର) : ଗତ ଶନିବାର ଦିବା ଘ.୩ ରୁ ଘ.୫.୩୦ମି. ପର୍ଯ୍ୟନ୍ତ ନୂତନ ଶିକ୍ଷାନୀତି ୨୦୨୦ ପାଇଁ ବିଜୁ ଜନତା ଦଳ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ କର୍ମଶାଳା ମାନ୍ୟବର ବିଧାୟକ ଖଣ୍ଡପଡା ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏବଂ ମାନ୍ୟବର ଉଚ୍ଚ ଶିକ୍ଷାମନ୍ତ୍ରୀ ଡଃ ଅରୁଣ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଅଛି । ଏହି ସଭାର ପ୍ରାରମ୍ଭରେ ଭିତ୍ତିପତ୍ର ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ଓ ଡଃ ବିଜୟ ସାହୁଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା । ପରବର୍ତ୍ତୀ ସମୟରେ ରାଜ୍ୟର ସମସ୍ତ ବିଭିନ୍ନ ଶିକ୍ଷକ ସଂଗଠନର କର୍ମକର୍ତ୍ତା ଓ ବିଭିନ୍ନ ଅଭିଜ୍ଞତ ସଂପନ୍ନ ଶିକ୍ଷାବିତ ନିଜ ନିଜ ସଂଗଠନ ତରଫରୁ ନୂତନ ଜାତୀୟ ଶିକ୍ଷାନିତୀ ୨୦୨୦ର ସଫଳତା ଓ ଓଡିଶା ରାଜ୍ୟ ପରିପ୍ରେକ୍ଷୀରେ ପ୍ରୟୋଗାତ୍ମକ କିଛି ଅପ୍ରାସଙ୍ଗିକତା ଓ ଆବଶ୍ୟକତା ସଂପର୍କରେ ମତ ଉପସ୍ଥାପନ କରିଥିଲେ ।

ଏଥିରେ ବଲାଙ୍ଗିର ଜିଲ୍ଲାର ପ୍ରାକ୍ତନ ଓଷ୍ଟା ରାଜ୍ୟ ସଭାପତି ପୁରନ୍ଦର ଦାଶ ଓ ବର୍ତ୍ତମାନର ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ଯୋଗଦାନ ପୂର୍ବକ ମତ ମଧ୍ୟ ଉପସ୍ଥାପନ କରିଥିଲେ । ଏହି ସମ୍ମିଳନୀର ନିକର୍ଷ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ସଭାପତିଙ୍କୁ ଜଣାଇ ଦିଆଯିବାର ପ୍ରତିଶ୍ରୁତି ମାନ୍ୟବର ମନ୍ତ୍ରୀ ସଭାରେ ମତପୋଷଣ କରିଥିଲେ । ଏହି ସଭାରେ ଦଳର ବରିଷ୍ଠ ନେତୃତ୍ୱ ପ୍ରିୟଦର୍ଶୀ ମିଶ୍ର, ରୋହିତ ପୁଜାରୀ, ଶାରଦା ଜେନା, ଜନ୍ମେଜୟ ମଧ ଉପସ୍ଥିତ ଥିଲେ । ପରିଶେଷରେ ସତ୍ୟବ୍ରତ (ରମୁ) ଧନ୍ୟବାଦ ଅପଣ କରିଥିଲେ ।

## ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହେଲା ନୂତନ ନିର୍ଦ୍ଦେଶାବଳୀ



ବୌଦ୍ଧ, (ସ୍ୱପ୍ର) : କରୋନା ସଂକ୍ରମଣ ତଥା ଜନସାଧାରଣଙ୍କ ଜୀବିକାକୁ ଦୃଷ୍ଟିରେ ରଖି ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହୋଇଛି ନୂତନ ନିର୍ଦ୍ଦେଶାବଳୀ । ଆସନ୍ତା ୧୦ ତାରିଖଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ନୂତନ ନିର୍ଦ୍ଦେଶାବଳୀ ବଳବତ୍ତର ରହିବାକୁ କୁହାଯାଇଥିବା ବେଳେ ଏ ସମୟ ମଧ୍ୟରେ ସମସ୍ତ ଦୋକାନ, ବଜାର ତଥା ବ୍ୟବସାୟିକ ଅନୁଷ୍ଠାନ ସକାଳ ୭ ଘଣ୍ଟାରୁ ଅପରାହ୍ନ ୨ ଘଂଟା ପର୍ଯ୍ୟନ୍ତ ଖୋଲା ରହିବ । ସମସ୍ତ ହୋଟେଲ, ରେଷ୍ଟୁରାଂଟ, ଫାଷ୍ଟଫୁଡ଼, ଢାବା, ଠେଲା ଦୋକାନଗୁଡ଼ିକ କେବଳ ପାର୍ସଲ ତଥା ହୋମ୍ ଡେଲିଭରୀ ଦେଇପାରିବେ । କୌଣସି ଦୋକାନୀ କିମ୍ବା ବ୍ୟବସାୟୀ ସାମାଜିକ ଦୂରତା ନିୟମକୁ ଉଲଂଘନ କଲେ ସଂପୃକ୍ତ ଦୋକାନକୁ ସିଲ୍ କରାଯିବ ଏବଂ କଠୋର ଜୋରିମାନା ଆଦାୟ ମଧ୍ୟ କରାଯିବ । ସମସ୍ତ ବ୍ୟକ୍ତି ଘରୁ ବାହାରକୁ ବାହାରିବା ସମୟରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ । ଏଥିରେ ବ୍ୟତିକ୍ରମ ଦେଖାଗଲେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ଜୋରିମାନା ଆଦାୟ କରାଯିବ । ସମସ୍ତ ତହସିଲଦାର ଏବଂ ଅନ୍ୟ କ୍ଷମତାପ୍ରାପ୍ତ ଅଧିକାରୀ ଉପରୋକ୍ତ ନିୟମାବଳୀ କାର୍ଯ୍ୟକାରୀ କରିବେ ତଥା ଅମାନିଆ ବ୍ୟକ୍ତି ଓ ବ୍ୟବସାୟୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

### ବଲାଙ୍ଗିର ଓ ସୋନପୁର ଜିଲ୍ଲାକୁ ନେଇ ଗଠିତ ହେଲା "ସୁପକାର ସଂଘ"

## ବସନ୍ତ- ସଭାପତି, ଗୋକୁଳ- ସଂପାଦକ



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ବରପାଲିପଡା ମାନସୀ ମଣ୍ଡପ ଠାରେ ଦିନ ୧୨ଟାବଲାଙ୍ଗିର ଓ ସୋନପୁର ଜିଲ୍ଲା ର ମିଳିତ ପ୍ରଚେଷ୍ଟାରେ ସୁପକାର ସଂଘ ଗଠିତ ହୋଇଯାଇଛି । କରୋନା ସମୟରେ କୋଭିଡ ନିୟମ ପାଳନ ସହ ସାମାଜିକ ଦୁରତାକୁ ରକ୍ଷା କରି ଉଭୟ ଜିଲ୍ଲାର କର୍ମକର୍ତ୍ତାମାନଙ୍କ ମଧ୍ୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଥିଲା । ପ୍ରଥମେ ସର୍ବସମ୍ମତି କ୍ରମେ ସଂଘର ନାମ ମା' ସମଲେଶ୍ୱରୀ ସୁପକାର ସଂଘ ଭାବେ ନାମିତ କରଯାଇଥିଲା। ପରେ ପରେ ସଂଘର କାମଗୁଡିକୁ ସୁଚାରୁ ରୁପେ ତୁଲାଇବା ପାଇଁ ସଂଘର କର୍ମକର୍ତ୍ତା ମନୋନୀତ କରାଯାଇଥୀଲା। । ସଭାପତି ଭାବେ ବସନ୍ତ କୁମାର ତ୍ରିପାଠୀ , ସଂପାଦକ ଗୋକୁଳ ମିଶ୍ର, ଉପ ସଭାପତି ଆଦିକନ୍ଦ ରଥ,ଉପ ସଂପାଦକ ଦିବାକର ମିଶ୍ର,କୋଷାଧକ୍ଷ ଗଦାଧର ପଣ୍ଡା, ଉପ କୋଷାଧକ୍ଷ ରମେଶ ଚନ୍ଦ୍ର ମିଶ୍ର ଓ ଉପଦେଷ୍ଟା ଭାବରେ ବିଶ୍ୱମୟ ପୁଜାରୀ ତଥା ଆଇନ ପରାମର୍ଶଦାତା ରୂପେ ଜିତେନ୍ଦ୍ର କୁମାର ପୁରୋହିତଙ୍କୁ ମନୋନୀତ କରାଯାଇଥିଲା ।

ଏହି ସଭାରେ ସଂଘର ବିଭିନ୍ନ କର୍ମକର୍ତ୍ତା ସହ ରମାକନ୍ତ ମିଶ୍ର,ସୁମନ୍ତ ଦାସ, ରଞ୍ଜନ ଦାସ, ମାନସ ଦାସ, ବାଲ୍ମୀକି ଦାସ, ଚିତ୍ତରଂଜନ ମିଶ୍ର, କପିଳେଶ୍ୱର ମିଶ୍ର, ପ୍ରଦୀପ ମିଶ୍ର, ସର୍ବେଶ୍ୱର ମିଶ୍ର, ବିଜୟ କୁମାର ତ୍ରିପାଠୀ, ଗିରିଶ ଚନ୍ଦ୍ର ମିଶ୍ର, ସଞ୍ଜୟ ତ୍ରିପାଠୀ, ସୁରାଜନ ମିଶ୍ର, ଭୂଲାମନ ଷଢଙ୍ଗୀ, ଦେବାର୍ଚନ ଦାସ ଓ କେଶବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।


ମାସ୍କ ପିନ୍ଧନ୍ତୁ, ବାରମ୍ବାର ସାବୁନରେ ହାତ ଧୁଅନ୍ତୁ, ସାମାଜିକ ଦୂରତା ରକ୍ଷା କରନ୍ତୁ...
କରୋନା ସଂକ୍ରମଣରୁ
ରକ୍ଷା ପାଆନ୍ତୁ ।

ନିଜ ସୁରକ୍ଷା, ନିଜ ହାତରେ ।


## ପୌରାଂଚଳର ଅପହଂଚ ଇଲାକାରେ ପହଂଚୁ ପ୍ରଶାସନ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସହରର କେନ୍ଦ୍ରୀୟ ବିଦ୍ୟାଳୟ ପଛପଟେ ଥିବା ନିଖିଳନଗର, ଡେମପଡାରେ କରଙ୍ଗାକଟା ବଂଚାଅ ଅଭିଯାନ ପକ୍ଷରୁ ମାକ୍ସ ବଂଟନ କରାଯାଇଛି । ସହରରେ ଦିନକୁ ଦିନ କରୋନା ପଜିଟିଭ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ଜନ ସଚେତନତା ସୃଷ୍ଟି କରାଯିବାକୁ ଅଂଟା ଭିଡିଛି ଅନୁଷ୍ଠାନ । ଲୋକଙ୍କୁ ଘରେ ରହିବା, ଜିଲା ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ସତର୍କ ସୂଚନା ଓ କଟକଣାକୁ ମାନିବା, ଅତି ଜରୁରୀ ନହେଲେ ଘରୁ ନବାହାରିବା, ମାକ୍ସ ପିନ୍ଧିବା ଆଦି ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା । ଏହି ଅଂଚଳ କୌଣସି ଉପାନ୍ତ ଏରିଆରୁ କମ୍ ନୁହେଁ । ଏଠିକାର ସ୍ୱାସ୍ଥ୍ୟ ସମସ୍ୟା, ସ୍ୱଚ୍ଛତା ନେଇ ପୌରପାଳିକା ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି ବିଶିଷ୍ଟ ସୂଚନା ଅଧିକାର କର୍ମୀ ତଥା କରଙ୍ଗାକଟା ବଂଚାଅ ଅଭଯାନର ସଭାପତି ହେମନ୍ତ କୁମାର ପଣ୍ଡା । ଏହି ଅଂଚଳରେ ସଫେଇ, ସେନିଟାଇଜ କରାଯିବା ସହ ବ୍ଲିଚିଂ ପକାଯିବାକୁ ଦାବୀ କରିଛି କମିଟି ।

କୋଭିଡ-୧୯ ମୁକାବିଲା ପାଇଁ ସଚେତନତା ସୃଷ୍ଟି କରାଯିବା ସହ ମାକ୍ସ ବଂଟନ କରାଯାଇଥିଲା । ଅନୁଷ୍ଠାନର ଆବାହକ ପ୍ରଶାନ୍ତ ମହାକୁର, ରେଡକ୍ରସର ସଦସ୍ୟ ତଥା ସ୍ୱେଚ୍ଛାସେବୀ ଶିକ୍ଷକ ରାମ ନାରାୟଣ ଦାଶ, ଯୁବ ଏକ୍ସନ କମିଟିର ସଭାପତି ବିନୋଦ କୁମାର କାଲସାଏ, ଅଭିନେତା ଅଜୟ ନାଗ, ସାଗର କୁମାର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## କାହାଣୀ ଏକ ଏଭଳି ଭଉଣୀର....ନା' ମିଳିଥିଲା ସୁରକ୍ଷା ନା' ମିଳିପାରିଲା ନ୍ୟାୟ




ବଲାଙ୍ଗିର, (ନିପ୍ର) : ଏବେ ଏବେ ସରିଛି ରକ୍ଷାବନ୍ଧନ । ଦିନଟି ଭଉଣୀମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ସୁରକ୍ଷାର ପ୍ରତୀକ । ଏହି ଦିନରେ ଏହି ଉତ୍ସବର ମାହୋଲ୍ ଦେଖିଲେ ମନେହୁଏ ଏ ସମାଜରେ ଭଉଣୀମାନେ ବେଶ୍ ସୁରକ୍ଷିତ । ଖୁବ୍ ଆଦୃତ ବି । ଯେଉଁ ଦେଶରେ ଏଭଳି ପବିତ୍ର ପରମ୍ପରା ରହିଛି, ସେଇଠି ନାରୀ ଜାତିର ସୁରକ୍ଷା, ସମ୍ମାନ ବି କ'ଣ ଏକ ସମସ୍ୟା ହୋଇପାରେ ? କିନ୍ତୁ ଠିକ୍ ସେତେବେଳେ ମନେ ପଡ଼ିଯାଏ ଆଉ ଏକ ଭଉଣୀର ଲୁହଭରା କାହାଣୀ । ତା' ପ୍ରତି ଏମିତି କ'ଣ ହେଲା ଯେ ଏ ସମାଜ ତା'ଠୁ ମୁହଁ ଫେରାଇ ନେଲା ! ବଂଚିଥିବା ବେଳେ ନା' ଦେଲା ତାକୁ ସୁରକ୍ଷା ନା' ମରିଯିବା ପରେ ଦେଇ ପାରିଲା ନ୍ୟାୟ ? ଏପରିକି ସରକାର ଓ ବ୍ୟବସ୍ଥା ମଧ୍ୟ ତାକୁ ନ୍ୟାୟ ଦେବାରେ ପଛଘୁଂଚା ଦେଉଥିବା ଭଳି ମନେହୁଏ । ତାକୁ ନ୍ୟାୟର ଦେବୀ ପାଖକୁ ବି ଯିବାକୁ ଦିଆ ଯାଇନାହିଁ ଏ ପର୍ଯ୍ୟନ୍ତ । କ'ଣ ସେ ଏ ରକ୍ଷାବନ୍ଧନର ଅଧିକାରିଣୀ ନୁହେଁ ? କ'ଣ ସେ ଭଉଣୀ ନୁହେଁ, ମୋର ଆପଣଙ୍କର....କି ସନ୍ତାନ ନୁହେଁ ଏ ଦେଶ ମାଟିର ?

ଘଟଣା ୨୨ ମଇ ୨୦୧୫ର । ପାଟଣାଗଡ଼ ଅନ୍ତର୍ଗତ ସର୍ଗିପାଲି ଗ୍ରାମର ଶ୍ରୀମତୀ ଡାଳିମ୍ବ ଛତ୍ରିଆ ଓ ଆର୍ତ୍ତ ଛତ୍ରିଆଙ୍କ ଏକମାତ୍ର କନ୍ୟା ଥିଲା ସ୍ନେହଲତା ଛତ୍ରିଆ । ମ୍ୟାଟ୍ରିକ ପାଶ୍ କରିଥିଲା ପ୍ରଥମ ଶ୍ରେଣୀରେ । ଶାନ୍ତ, ସରଳ ଝିଅଟିଏ । ନିକଟସ୍ଥ ହରିଶଙ୍କର ନାଳକୁ ଗାଧୋଇବାକୁ ଯାଇ ଆଉ ଫେରି ନଥିଲା । ମା'ବାପା, ବନ୍ଧୁ ପରିଜନ ଖୋଜି ଖୋଜି ନଯାନ୍ତ । ପରଦିନ ସ୍ନେହଲତା ଗାଧୋଇବାକୁ ଯାଇଥିବା ନାଳ ପାଖରେ ପଡ଼ିଥିଲା ତା'ର ମୃତ ଉଲଗ୍ନ ଦେହ । କ୍ଷତ ବିକ୍ଷତ ଶରୀର । ବିଭତ୍ସ ଭାବରେ ତା' ପ୍ରତି ହୋଇଥିବା ଅମାନବୀୟ ଅତ୍ୟାଚାର, ତା' ଶବକୁ ଦେଖିଲେ ବୁଝି ହୋଇ ଯାଉଥିଲା । ଦୁଷ୍କର୍ମ ପରେ ଅମଣିଷମାନେ ତାକୁ ନୃଶଂସ ଭାବରେ ଖୁବ୍ କଷ୍ଟ ଦେଇ ହତ୍ୟା କରିଥିଲେ । ତାର ଶବକୁ ଚିହ୍ନି ହେବନାହିଁ ଭାବି ସେମାନେ ତା' ମୁହଁରେ, ଦେହରେ ଏସିଡ୍ ମଧ୍ୟ ଢାଳି ପୋଡ଼ି ଦେଇଥିଲେ । ଅତି ଦୟନୀୟ ସେଇ ଦୃଶ୍ୟ । ଏବେ ବି ମନେ ପକେଇଲେ ଦେହ ଶୀତେଇ ଯାଏ । ଏଭଳି ଅବସ୍ଥାରେ ସ୍ନେହଲତାର ଶବକୁ ଦେଖି ସମସ୍ତ ସ୍ତବ୍ଧ ହୋଇ ଯାଇଥିଲେ । ମାମଲା ରୁଜୁ ହେଲା ସ୍ଥାନୀୟ ଥାନାରେ । ଶବକୁ ବ୍ୟବଚ୍ଛେଦ ପାଇଁ ନିଆଗଲା ଡାକ୍ତରଖାନା । କିନ୍ତୁ ରାତିକରେ କ'ଣ ହେଲା କେଜାଣି, ଶବ ବ୍ୟବଚ୍ଛେଦ ନ ହୋଇ ଫେରି ଆସିଲା ଡାକ୍ତରଖାନାରୁ । ଆଜି ଯାଏଁ ହୋଇ ପାରିନି ତାର ଚାର୍ଜସିଟ୍ । କ୍ରାଇମ୍ ବ୍ରାଂଚ୍ ତଦନ୍ତ ନିର୍ଦ୍ଦେଶ ପରେ ବି ଧରା ପଡ଼ିଲେ ନାହିଁ ନର ରାକ୍ଷାସମାନେ । ସ୍ନେହଲତାକୁ ନ୍ୟାୟ ଦେବାପାଇଁ ବାରମ୍ବାର ଆନ୍ଦୋଳନ ହେଲା । ଜୋର୍ସୋର୍ ଆଲୋଚନା ପର୍ଯ୍ୟାଲୋଚନା ଚାଲିଲା । ଅଥଚ ଆଜିଯାଏଁ ସ୍ନେହଲତା ପାଇଲା ନାହିଁ ନ୍ୟାୟ । ଏ ଭିତରେ ଦୀର୍ଘ ପାଂଚ ବର୍ଷ ବିତି ଯାଇଛି । ଏହି ଦଳିତ ନାବାଳିକା ଗଣ ଦୁଷ୍କର୍ମ ଘଟଣାର ପର୍ଦ୍ଦାଫାସ କରିବା ପାଇଁ ବାରମ୍ବାର ଅନୁରୋଧ କରିଛି ସାବିତ୍ରୀ ବାଇ ଫୁଲେ ସଂଗଠନ । ଏପରିକି କିଛି ଦିନ ତଳେ ରାଜ୍ୟର ସମସ୍ତ ସାଂସଦଙ୍କୁ ଏହି ଘଟଣାର କ୍ରାଇମ୍ ବ୍ରାଂଚ ତଦନ୍ତ ପାଇଁ ଅର୍ଜି ଦେଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର କୌଣସି ସଠିକ୍ ଉତ୍ତର ମିଳି ପାରିନାହିଁ । ସତେ ଯେମିତି ଏବେ ବି ଚାହିଁ ବସିଛି ନ୍ୟାୟକୁ ସ୍ନେହଲତାର ଆତ୍ମା ! ଜଗି ବସିଛି ରକ୍ଷାବନ୍ଧନର ସେହି ପବିତ୍ର ଡୋରିର ସୁରକ୍ଷା ସଂକଳ୍ପକୁ । ସ୍ନେହଲତା ବି ଏ ମାଟିର ଭଉଣୀ, ଏ ମାଟିର କନ୍ୟା... ।

ତେବେ କ'ଣ ତାକୁ ନ୍ୟାୟ ଦେବାରେ ଭାରତୀୟ ଆଇନ ବ୍ୟବସ୍ଥା ସତରେ ଅସମର୍ଥ ବୋଲି ପ୍ରଶ୍ନ ଉଠୁଛି ବୁଦ୍ଧିଜୀବୀ ମହଲରେ ।

## ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ ପାଳନ ପାଇଁ ସରକାରୀ କଟକଣା କୋହଳ କରାଯାଉ



ବଲାଙ୍ଗିର, (ନିପ୍ର) : ଆସନ୍ତା ୨୩ତାରିଖରେ କୋଶଳାଂଚଳର ମହାନ ଗଣପର୍ବ ତଥା କୃଷିଭିତ୍ତିକ ପର୍ବ, ଏକ ଐତିହାସିକ ପର୍ବ ଓ ଏ ଅଂଚଳର ସମସ୍ତ ମାନସ ପଟରେ ଜଡିତ ଥିବାରୁ କୋଭିଡ-୧୯ ପାଇଁ ଲାଗୁ ହେଉଥିବା ସରକାରୀ କଟକଣାକୁ କୋହଳ କରିବା ପାଇଁ ବଲାଙ୍ଗିର ନାଗରିକ କମିଟିର ସଭାପତି ବିକ୍ରମ ବହିଦାର ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି । ଏ ପର୍ବ କେବଳ ପଶ୍ଚିମ ଓଡିଶାରେ ନୁହେଁ ଦେଶ ବିଦେଶରେ ମଧ ଥିବା ଓଡିଆମାନେ ଆଗ୍ରହର ସହ ପାଳନ କରିଥାନ୍ତି । ତେଣୁ ଆସନ୍ତା ୨୨,୨୩ ଓ ୨୪ ତାରିଖରେ ସାମାଜିକ ଦୂରତା ରକ୍ଷା ସହ ପ୍ରଶାସନ ଏ ଅଂଚଳବାସୀଙ୍କ ଆବେଗରେ ସହଯୋଗ କରନ୍ତୁ ବୋଲି ଶ୍ରୀ ବହିଦାର ନିବେଦନ କରିଛନ୍ତି । ଅତୀତରେ ସରକାରୀ କାର୍ଯ୍ୟକ୍ରମରେ ସରକାର ଓ ପ୍ରଶାସନ ବିଭିନ୍ନ କଟକଣାକୁ କୋହଳ କରି ଅନେକ ସଂଖ୍ୟାର ଗହଳି କରିଥିବା ନଜିର ମଧ ଅଛି । ଏଣୁ ଏହି ପର୍ବ ଉପରେ ଯଦି କଟକଣା ନ ଉଠାଯାଏ, ତେବେ ସରକାର ଓ ପ୍ରଶାସନର ଆହୁରି ଏକ ଏ ଅଂଚଳ ପ୍ରତି ବୈମାତୃକ ଭାବ ପ୍ରଦର୍ଶନର ଉଦାହରଣ ସୃଷ୍ଟି କରିବେ ବୋଲି ସେ କହିଛନ୍ତି । ଏ ସମ୍ବନ୍ଧରେ ଜିଲ୍ଲାପାଳଙ୍କୁ ମଧ ଏକ ଦାବୀପତ୍ର ପ୍ରଦାନ କରାଯିବ । ଆବଶ୍ୟକ ପଡିଲେ ଏ ଅଂଚଳର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ନୂଆଁଖାଇ ପରିଚାଳନା କମିଟି ଗଠନ ପାଇଁ ପ୍ରସ୍ତାବ ରଖାଯାଇଛି ।

# ଓଡ଼ିଶାର ଗର୍ବ ଓ ଗୌରବ 'ସିଏନ୍ସି' ବାଣିଜ୍ୟ ମହାବିଦ୍ୟାଳୟ




ବଲାଙ୍ଗିର, (କେପିଏନଏସ) : ଓଡ଼ିଶାର ଗର୍ବ ଓ ଗୌରବ ସିଏନ୍ସି ବାଣିଜ୍ୟ ମହାବିଦ୍ୟାଳୟ । ଯେଉଁଳି ଶିକ୍ଷା ପ୍ରଦାନର ଉଚ୍ଚକୋଟୀର ଭିତ୍ତିଭୂମି, ସେଭଳି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ି ତୋଳିବା ପାଇଁ ଅମାପ ସଦିଚ୍ଛା ଦେଖିବାକୁ ମିଳେ ଏହି ମହାବିଦ୍ୟାଳୟରେ । ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଶାଶ୍ୱତ ନିଷ୍ଠା ଯୋଗୁଁ ତ' ସାରା ଓଡ଼ିଶାରେ ସଂପୃକ୍ତ ମହାବିଦ୍ୟାଳୟ ବେଶ୍ ସୁନାମ ଅର୍ଜନ କରିବା ସମ୍ଭବପର ହୋଇପାରିଛି । ସୁଦକ୍ଷ ଅଧ୍ୟାପକ ଅଧ୍ୟାପିକା, ସମର୍ପଣ ଭାବ ସଂପନ୍ନ ଏହାର କର୍ମଚାରୀବୃନ୍ଦଙ୍କ ମଧ୍ୟ ବିଶେଷ ଯୋଗଦାନ ରହିଛି ଏହି ସଫଳତା ପଛରେ ।

ଏହି ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଖୁବ୍ ଉତ୍ସାହ ତଥା ଦୃଢ଼ତାର ସହ କୁହନ୍ତି, ଆଗାମୀ ୨୦୨୫ ମସିହା ସୁଦ୍ଧା ସିଏନ୍ସି ଜାତୀୟ ସ୍ତରରେ ଏକ ଉତ୍ତମ ମହାବିଦ୍ୟାଳୟ ଭାବେ ନିଜର ସାମର୍ଥ୍ୟ ପ୍ରତିପାଦନ କରିବ । ଏଥିପାଇଁ ଆମେ ଆପ୍ରାଣ ଚେଷ୍ଟା ଜାରି ରଖିଛୁ । ଏହା ହିଁ ଆମର ଲକ୍ଷ୍ୟ ।

ଏଠାରେ ସୂଚନାଯୋଗ୍ୟ ଯେ, ମାତ୍ର ୧୦ ବର୍ଷ ତଳେ ଆରମ୍ଭ ହୋଇଥିଲା ଏହି ଗୌରବମୟ ମହାବିଦ୍ୟାଳୟ 'ସିଏନ୍ସି' ପ୍ରଗାଢ଼ ଆତ୍ମବିଶ୍ୱାସକୁ ପୁଞ୍ଜି କରି । ସେହି ବଳିଷ୍ଠ ଆତ୍ମବିଶ୍ୱାସ ଆଜି ସଫଳତାର ଶୀର୍ଷରେ ପହଂଚାଇ ପାରିଛି ସଂପୃକ୍ତ ଶିକ୍ଷାନୁଷ୍ଠାନକୁ । ଏଇ ମାତ୍ର ୧୦ ବର୍ଷ ମଧ୍ୟରେ ଯୁକ୍ତ ଦୁଇ ସ୍ତରରେ ୧୪ ଜଣ ଷ୍ଟେଟ୍ ଟପ୍ପର୍ ଏବଂ ଯୁକ୍ତ ତିନି ସ୍ତରରେ ୭ ଜଣ ସମ୍ବଲପୁର ୟୁନିଭର୍ସିଟି ଟପ୍ପର ଶିକ୍ଷାର୍ଥୀ ପ୍ରଦାନ କରିବା ଗୌରବରେ ଗୌରବାନ୍ୱିତ 'ସିଏନ୍ସି' । କେବଳ ସେତିକି ନୁହେଁ, ଗତ ବର୍ଷ ୨୦୧୮-୧୯ ଶିକ୍ଷା ବର୍ଷରେ ଏହି ମହାବିଦ୍ୟାଳୟର ନେନ୍ସୀ ପୁରୋହିତ ବେଷ୍ଟ ଗ୍ରାଜୁଏଟ୍ ଭାବରେ ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ; ଯାହା ଆମ ମାଟି ପାଇଁ ଅତ୍ୟନ୍ତ ମର୍ଯ୍ୟାଦା ସଂପନ୍ନ ଅଧ୍ୟାୟ ।

ସବୁଠାରୁ ଖୁସିର କଥା ଯେ, ଆରମ୍ଭ ଦିନରୁ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରି ପାରିଛନ୍ତି । ୭୫ ପ୍ରତିଶତରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପୁଣି ଫାଷ୍ଟ କ୍ଲାସ୍ ନେଇ ପାସ୍ କରନ୍ତି । ପୁଣି ଓଡ଼ିଶାରେ ଏହି ମହାବିଦ୍ୟାଳୟରୁ ସର୍ବୋଚ୍ଚ ସଂଖ୍ୟାର ଛାତ୍ରଛାତ୍ରୀ ଉତ୍ତମ ଛାତ୍ରଛାତ୍ରୀ ଭାବେ ବିବେଚିତ ହୋଇ ସରକାରଙ୍କ ପକ୍ଷରୁ ଲାପଟପ୍ ପାଇଥାନ୍ତି ।

ଆହୁରି ଆନନ୍ଦର ବିଷୟ, ସିଏନ୍ସିରୁ ଦୁଇ ଜଣ ଛାତ୍ର ପ୍ରଥମ ଚାଟାର୍ଡ଼ ଏକାଉଣ୍ଟେଣ୍ଟ ହେବାରେ ସଫଳ ହୋଇ ପାରିଛନ୍ତି । ସେମାନେ ହେଲେ କରନ ଅଗ୍ରୱାଲ ଏବଂ ୟୁଗେଶ ଅଗ୍ରୱାଲ । ଆଗାମୀ ଛ' ମାସ ମଧ୍ୟରେ ଏହି ମହାବିଦ୍ୟାଳୟରୁ ପୁଣି ଆହୁରି ୧୧ ଜଣ ଚାଟାର୍ଡ଼ ଏକାଉଣ୍ଟେଣ୍ଟ ହେବାକୁ ଯାଉଛନ୍ତି ବୋଲି ସିଏନ୍ସି ପକ୍ଷରୁ କୁହାଯାଇଛି । ଏହା ବି ଆମ ମାଟି ପାଇଁ କମ୍ ଗର୍ବର କଥା ନୁହେଁ ।



କରନ ଅଗ୍ରୱାଲ, ଚାଟାର୍ଡ଼ ଆକାଉଣ୍ଟାଣ୍ଟ



ଯୋଗେଶ ଅଗ୍ରୱାଲ, ଚାଟାର୍ଡ଼ ଆକାଉଣ୍ଟାଣ୍ଟ

ସିଏନ୍ସି.ର ସଫଳତା ଉପରେ ନଜର ପକାଇଲେ ତାଜୁବ୍ ହେବାକୁ ପଡ଼େ । ୨୦୨୦ରେ ଜାତୀୟ ସ୍ତରରେ କ୍ରାଇଷ୍ଟ ୟୁନିଭରସିଟି (ବେଙ୍ଗଲୋର)ରେ ଏହି ମହାବିଦ୍ୟାଳୟର ୬ ଜଣ ଛାତ୍ର ବିକମ୍ ଓ ବିବିଏ ପାଇଁ ଯୋଗ୍ୟ ବିବେଚିତ ହୋଇ ଓଡ଼ିଶା ପାଇଁ ଗୌରବ ଆଣି ଦେଇଛନ୍ତି । ୨୦୨୦ରେ ଏମ୍ବିଏ ନିମନ୍ତେ ଜେଭିଅର ଇଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟରେ ଏହି ମହାବିଦ୍ୟାଳୟ ଯୋଗ୍ୟତା ହାସଲ କରିବାରରେ ସମର୍ଥ ହୋଇପାରିଛି । ଇଷ୍ଟିଚ୍ୟୁଟ ଅଫ ଚାଟାର୍ଡ଼ ଏକାଉଣ୍ଟେଣ୍ଟସ୍, ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ନ୍ୟାସନାଲ ଲେବେଲ କୁଇଜ୍ କଂପିଟିସନ୍‌ରେ ଓଡ଼ିଶାରୁ ୭ ଜଣ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଯୋଗ୍ୟତମଙ୍କ ମଧ୍ୟରେ ସିଏନ୍ସି.ରୁ ୩ ଜଣ ଶିକ୍ଷାର୍ଥୀ ସାମିଲ୍ ଅଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ସିଏନ୍ସି.ରୁ ୧୦ ଜଣ ଛାତ୍ରଛାତ୍ରୀ ଆଇଆଇଏମ୍, ବେଙ୍ଗଲୋରରେ ନ୍ୟାସନାଲ ଲେବେଲ ବିଜନେସ ଆଇଡ଼ିଆ କଂପିଟିସନ୍‌ରେ ଭାଗ ନେବା ପାଇଁ ମନୋନୀତ ହୋଇ ପାରିଛନ୍ତି । ୨୦୧୧ ମସିହାଠାରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ସାଧାରଣତନ୍ତ୍ର ଦିବସ (ଜାନୁଆରୀ ୨୬) ଅବସରରେ ସିଏନ୍ସି.ର ଛାତ୍ରଛାତ୍ରୀମାନେ ସର୍ବୋତ୍ତମ ଶିକ୍ଷାର୍ଥୀ ଭାବେ ପୁରସ୍କୃତ ହୋଇ ଆସୁଛନ୍ତି ।

ତେବେ ଶିକ୍ଷାଦାନ କ୍ଷେତ୍ରରେ ସିଏନ୍ସି ଯେମିତି ଦୃଢ଼ ପ୍ରଚେଷ୍ଟା ବଳରେ ଯଥୋଚିତ ସଫଳତା ପ୍ରାପ୍ତ ହୋଇପାରିଛି, ସେଭଳି ଅତିରିକ୍ତ ପାଠ୍ୟକ୍ରମ ଗତିବିଧି (ଏକ୍ସ୍ଟ୍ରା କରିକୁଲାର୍ ଏକ୍ଟିଭିଟି) କ୍ଷେତ୍ରରେ ମଧ୍ୟ ପିଲାଙ୍କ ମଧ୍ୟରେ ବିବେଶ ରୁଚି ସୃଷ୍ଟି କରି ପାରିଛି । ଜାତୀୟ ତଥା ଆନ୍ତର୍ଜାତୀୟ କର୍ପୋରେଟ ଲିଡ଼ର୍, ଶିକ୍ଷାବିଦ୍ ତଥା ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କୁ ସିଏନ୍ସି ପକ୍ଷରୁ ଆମନ୍ତ୍ରଣ କରାଯାଇ ସେମିନାର ଆୟୋଜନ ପୂର୍ବକ ଛାତ୍ରଛାତ୍ରୀମାନଙ୍କ ସହ ସେମାନଙ୍କ ଭାବ ବିନିମୟ କରାଇବା ଭଳି ମହାନ୍ କ୍ଷେତ୍ର ପ୍ରସ୍ତୁତ କରା ଯାଇଥାଏ । ଏହି ମହାବିଦ୍ୟାଳୟ ଆରମ୍ଭ ହେବା ଦିନଠାରୁ ଏଇ ଦଶ ବର୍ଷ ମଧ୍ୟରେ ଶତାଧିକ ଏଭଳି ବ୍ୟକ୍ତିତ୍ୱ ସିଏନ୍ସି.ରେ ପଦାର୍ପଣ କରି ସାରିଛନ୍ତି । ପ୍ରାୟତଃ ବିଭିନ୍ନ ସମୟରେ ଅନେକ ଗୁଡ଼ାଏ କାର୍ଯ୍ୟକ୍ରମ ସିଏନ୍ସି.ରେ ଜାରି ରହୁଥିବା ବେଳେ ପ୍ରତିବର୍ଷ ମୁଖ୍ୟତଃ ଫୁଡ୍ ଫେଷ୍ଟିଭାଲ୍, ୟୁଥ୍ ପାର୍ଲାମେଣ୍ଟ, ବିଜନେସ୍ କୁଇଜ୍, ଇଣ୍ଡିପେଣ୍ଡେନ୍ସ୍ ଡେ' ଡିବେଟ୍ କଂପିଟିସନ୍ ଆୟୋଜନରେ ଛାତ୍ରଛାତ୍ରୀମାନେ ବିଶେଷ ଉତ୍ସାହିତ ହୋଇଥାନ୍ତି । କ୍ରୀଡ଼ା କ୍ଷେତ୍ରକୁ ମଧ୍ୟ ବଳିଷ୍ଠତାର ସହ ଗ୍ରହଣ କରାଯାଇ ଏଥ୍‌ଲେଟିକ୍ସ୍ ମିଟ୍, କ୍ରିକେଟ୍, ବେଡ୍‌ମିଣ୍ଟନ କଂପିଟିସନ୍‌ର ଆୟୋଜନ କରାଯାଏ ମହାବିଦ୍ୟାଳୟରେ ।




ସିଏନ୍ସି କଲେଜରେ ଏନଏସଏସ, ସ୍କାଉଟ, ଲିଓ କ୍ଲବ ଭଳି ସୋସିଆଲ କ୍ଲବ ମଧ୍ୟ ରହିଛି । ପୂର୍ବରୁ ଦୁଇଟି ସୋସିଆଲ କ୍ଲବ ରହିଥିବା ବେଳେ ବର୍ତ୍ତମାନ ସ୍କାଉଟ ଏଥିରେ ଯୋଡ଼ି ହୋଇଯାଇଛି ।

ଅତ୍ୟନ୍ତ ଆନନ୍ଦର କଥା ହେଲା, ଏବେ ମହାବିଦ୍ୟାଳୟର ନିଜସ୍ୱ କ୍ୟାମ୍ପସ୍ ମଧ୍ୟ ପ୍ରସ୍ତୁତ ହୋଇ ସାରିଛି । ଯେକେହି ବି କ୍ୟାମ୍ପସ୍ ଦେଖିଲେ ଖୁସି ହୋଇଯିବ । ୟୁରୋପିଆନ ଷ୍ଟ୍ରକ୍‌ଚର୍ ଅନୁସରଣରେ ଏହା ନିର୍ମିତ । ଏହା ଏକ 'ଗ୍ରୀନ୍ ଏଣ୍ଡ୍ ପିପୁଲ୍‌ସ୍ ଫ୍ରେଣ୍ଡ୍‌ଲି' କ୍ୟାମ୍ପସ୍ ହେବ ବୋଲି କଲେଜ କର୍ତ୍ତୃପକ୍ଷ କୁହନ୍ତି । ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ, ପୁଣି ଆସନ୍ତା ୩ ବର୍ଷ ମଧ୍ୟରେ କ୍ୟାମ୍ପସ୍‌ରେ ଆଡ୍‌ଭାନ୍ସ ଲାଇବ୍ରେରୀ, ଆଡ଼ିଟୋରିଅମ୍, ଏମ୍‌ପି ଥିଏଟର ତଥା ସ୍ପୋର୍ଟ ପାଇଁ ବାସ୍କେଟ୍ ବଲ୍, ଭଲି ବଲ୍, ଟେବୁଲ୍ ଟେନିସ୍, ଫୁଟ୍‌ବଲ୍, କ୍ରିକେଟ ଆଦି ଖେଳ ନିମନ୍ତେ ଉଚ୍ଚକୋଟୀର ଭିତ୍ତିଭୂମି ପ୍ରସ୍ତୁତ କରାଯିବ । ତେବେ ସର୍ବୋପରି ଏକ ସମ୍ମାନଜନକ ତଥା ସମୃଦ୍ଧ ମହାବିଦ୍ୟାଳୟ ଭାବେ ଜାତୀୟ ସ୍ତରରେ ପହଂଚିବା ଲକ୍ଷ୍ୟ ନେଇ କ୍ଷୀପ୍ର ଗତିରେ ଆଗେଇ ଚାଲିଛି ସିଏନ୍ସି । ବିଶ୍ୱାସ, ସଫଳତା ହାତ ପାହାଂତାରେ ।











# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା 'ଶ୍ରୀରାମ ଜନ୍ମଭୂମି ମନ୍ଦିର'ର ଭୂମି ପୂଜନ ସଂପନ୍ନ ..... (ପ୍ରଥମ ପୃଷ୍ଠାରୁ)

ପିଢ଼ିକୁ ଅନୁପ୍ରାଣିତ କରିବ । ରାମ ମନ୍ଦିର ନିର୍ମାଣ ହେବା ଫଳରେ ବିଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ସୁଯୋଗ ସୃଷ୍ଟି ହେବ ଏବଂ ଏହା ସ୍ଥାନୀୟ ଅର୍ଥବ୍ୟବସ୍ଥାରେ ପରିବର୍ତ୍ତନ ଆଣିବ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜିର ଦିନ କୋଟି କୋଟି ରାମଭକ୍ତମାନଙ୍କର ଅତୁଟ ବିଶ୍ୱାସ ଓ ଦୃଢ଼ସଂକଳ୍ପର ପ୍ରମାଣ ଦେଉଛି । ଗତ ବର୍ଷ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ପ୍ରତ୍ୟେକ ଲୋକଙ୍କ ଭାବନାକୁ ସମ୍ମାନ ଜଣାଇ ଦେଶବାସୀ ପ୍ରକଟ କରିଥିବା ଧୈର୍ଯ୍ୟ ଓ ସଂଯମକୁ ସେ ପ୍ରଶଂସା କରିଥିଲେ । ସମାନ ପ୍ରକାରର ଧୈର୍ଯ୍ୟ ଓ ସଂଯମ ଆଜି ମଧ୍ୟ ଦେଖିବାକୁ ମିଳିଛି । ଶ୍ରୀରାମ ଚନ୍ଦ୍ରଙ୍କ ବିଜୟ, ଶ୍ରୀକୃଷ୍ଣଙ୍କ ଦ୍ୱାରା ଗୋବର୍ଦ୍ଧନ ପର୍ବତ ଧାରଣ, ଛତ୍ରପତି ଶିବାଜୀଙ୍କ ଦ୍ୱାରା ସ୍ୱରାଜ ପ୍ରତିଷ୍ଠା, ଗାନ୍ଧୀଜୀ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେବା ଭଳି ଗରିବ, ପଛୁଆ, ଦଳିତ, ଆଦିବାସୀଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ କିଭଳି ଭାବେ ସଫଳତା ଅର୍ଜନ କରିଛନ୍ତି ସେ ବିଷୟରେ ପ୍ରଧାନମନ୍ତ୍ରୀ ସ୍ମରଣ କରାଇ ଦେଇଥିଲେ । ସେହିପରି, ସାଧାରଣ ଜନତାଙ୍କ ସହଯୋଗ ଏବଂ ଯୋଗଦାନ ବଳରେ ରାମ ମନ୍ଦିର ନିର୍ମାଣ ଆରମ୍ଭ ହୋଇଛି ବୋଲି ସେ କହିଥିଲେ ।

ଶ୍ରୀରାମ ଚନ୍ଦ୍ରଙ୍କ ଚରିତ୍ର ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ପ୍ରଭୁ ଶ୍ରୀରାମ ସବୁବେଳେ ସତ୍ୟ ପ୍ରତି ଗଭୀର ନିଷ୍ଠା ରଖୁଥିଲେ ଏବଂ ସାମାଜିକ ସଦଭାବନାକୁ ସେ ନିଜ ଶାସନର ଆଧାର ଭାବେ ପ୍ରତିଷ୍ଠା କରିଥିଲେ । ସେ ନିଜ ପ୍ରଜାମାନଙ୍କୁ ସମାନ ଭାବେ ଭଲ ପାଉଥିଲେ, କିନ୍ତୁ ଗରିବ ଓ ବଂଚିତଙ୍କ ପାଇଁ ତାଙ୍କ ହୃଦୟରେ ଅପାର କରୁଣା ଭରି ରହିଥିଲା । ଜୀବନର ଏପରି କୌଣସି ଗୋଟିଏ ଦିଗ ନାହିଁ ଯେଉଁଥିରେ ଶ୍ରୀରାମ ଅନ୍ୟମାନଙ୍କୁ ଅନୁପ୍ରାଣିତ କରୁନଥିବେ । ଦେଶର ସଂସ୍କୃତି, ଦର୍ଶନ, ବିଶ୍ୱାସ ଏବଂ ପରମ୍ପରାର ବ୍ୟାପକ କ୍ଷେତ୍ରରେ ଶ୍ରୀରାମଙ୍କ ପ୍ରଭାବ ଦୃଶ୍ୟମାନ ହୋଇଥାଏ । ଶ୍ରୀରାମ – ବିବିଧତା ମଧ୍ୟରେ ଏକତାର ସୂତ୍ର ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶ୍ରୀରାମ ସବୁବେଳେ ଅନ୍ୟମାନଙ୍କ ପାଇଁ ଆଲୋକବର୍ତ୍ତିକା ସାଜିଛନ୍ତି । ପ୍ରାଚୀନ କାଳର ବାଲ୍ମିକୀ ରାମାୟଣ, ମଧ୍ୟଯୁଗରେ ତୁଳସୀଦାସ, କବୀର ଓ ଗୁରୁନାନକ ଏବଂ ମହାତ୍ମା ଗାନ୍ଧୀଙ୍କ ଭଜନରେ ସେ ଅହିଂସା ଓ ସତ୍ୟାଗ୍ରହର ପ୍ରେରଣାଶକ୍ତି ହୋଇ ରହିଥିଲେ । ଭଗବାନ ବୁଦ୍ଧ ମଧ୍ୟ ଶ୍ରୀରାମଙ୍କ ସହିତ ଯୋଡ଼ି ହୋଇ ରହିଥିଲେ । ଅଯୋଧ୍ୟା ସହର ଶହ ଶହ ବର୍ଷ ଧରି ଜୈନମାନଙ୍କର ଆସ୍ଥାର କେନ୍ଦ୍ର ହୋଇ ରହିଆସିଛି ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶ୍ରୀରାମ ଦେଶରେ ବିବିଧତା ମଧ୍ୟରେ ଏକତାର ସାଧାରଣ ସୂତ୍ର । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଅନ୍ୟ ଦେଶରେ ମଧ୍ୟ ଶ୍ରୀରାମ ପୂଜନୀୟ । ସର୍ବାଧିକ ମୁସଲିମ ବହୁଳ ରାଷ୍ଟ୍ର ଇଣ୍ଡୋନେସିଆ, କାମ୍ବୋଡ଼ିଆ, ଲାଓସ, ମାଲେସିୟା, ଥାଇଲାଣ୍ଡ, ଶ୍ରୀଲଙ୍କା, ନେପାଳ ଆଦି ଦେଶରେ ରାମାୟଣ ଖୁବ ଲୋକପ୍ରିୟ ବୋଲି ସେ ତାଲିକା ଦେଇ କହିଥିଲେ । ଏପରିକି ଚୀନ ଓ ଇରାନରେ ମଧ୍ୟ ଶ୍ରୀରାମଙ୍କ ବିଷୟରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ବିଭିନ୍ନ ଦେଶରେ ରାମକଥା ବିଶେଷ ଲୋକପ୍ରିୟ । ରାମ ମନ୍ଦିର ନିର୍ମାଣ ସହିତ ଏସବୁ ଦେଶର ଲୋକମାନେ ଏବେ ନିଶ୍ଚିତ ଭାବେ ଆନନ୍ଦିତ ହେଉଥିବେ ।

ଭବିଷ୍ୟତରେ ଏହି ମନ୍ଦିର ସମଗ୍ର ମାନବ ଜାତି ପାଇଁ ପ୍ରେରଣା ସାଜିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଶ୍ରୀରାମଙ୍କ ବାଣୀ, ରାମମନ୍ଦିର ଏବଂ ଆମର ବହୁପ୍ରାଚୀନ ପରମ୍ପରା ସମଗ୍ର ବିଶ୍ୱରେ ପହଁଚିବା ଜରୁରି । ଏହାକୁ ଦୃଷ୍ଟିରେ ରଖି ଦେଶରେ ରାମ ସର୍କିଟ ନିର୍ମାଣ କରାଯାଉଛି ।

ପ୍ରଧାନମନ୍ତ୍ରୀ ସ୍ମରଣ କରି କହିଥିଲେ ଯେ ଜାତିର ପିତା ମହାତ୍ମା ଗାନ୍ଧୀ ରାମରାଜ୍ୟ ପ୍ରତିଷ୍ଠାର ପରିକଳ୍ପନା କରିଥିଲେ । ସେ କହିଥିଲେ ଯେ ଶ୍ରୀରାମଙ୍କ ବାଣୀ ସାରା ଦେଶର ମାର୍ଗଦର୍ଶନ କରି ଚାଲିଛି, ଏଥିରେ ସାମିଲ ରହିଛି : ଦେଶରେ କେହି ଯେପରି ଗରିବ ଓ ଦୁଃଖୀ ରହିବେ ନାହିଁ, ପୁରୁଷ ଓ ମହିଳା ସମାନ ଭାବେ ସୁଖୀ ରହିବେ; କୃଷକ ଓ ପଶୁପାଳକ ସବୁବେଳେ ସୁଖରେ ରହିବେ; ବୃଦ୍ଧ, ଶିଶୁ ଏବଂ ଚିକିତ୍ସକମାନଙ୍କୁ ସବୁବେଳେ ସୁରକ୍ଷା ଦିଆଯିବ; ଆଶ୍ରା ଚାହୁଁଥିବା ଲୋକମାନଙ୍କୁ ସବୁବେଳେ ସୁରକ୍ଷା ଯୋଗାଇ ଦିଆଯିବ; ଜନ୍ମଭୂମି ସ୍ୱର୍ଗଠାରୁ ବଳି ଏବଂ ରାଷ୍ଟ୍ର ଯେତେ ଅଧିକ ଶକ୍ତିଶାଳୀ ହେବ ଶାନ୍ତି ବଜାୟ ରଖିବାର ସାମର୍ଥ୍ୟ ସେତିକି ବଢ଼ିବ । ଶ୍ରୀରାମ ଆଧୁନିକତା ଏବଂ ପରିବର୍ତ୍ତନର ପ୍ରତୀକ ।

- ଆପୋସ ସ୍ନେହ ଓ ଭ୍ରାତୃତ୍ୱଭାବର ମୂଳଦୁଆ ଉପରେ ମନ୍ଦିର ନିର୍ମାଣ ହେବା ଉଚିତ : ପ୍ରଧାନମନ୍ତ୍ରୀ
- 'ସବକା ସାଥ' ଜରିଆରେ ଏବଂ 'ସବକା ବିଶ୍ୱାସ' ସହିତ ଆମକୁ 'ସବକା ବିକାଶ' କରିବାର ଅଛି : ପ୍ରଧାନମନ୍ତ୍ରୀ
- ରାମ ମନ୍ଦିର ଆମ ସଂସ୍କୃତି, ଚିରନ୍ତନ ବିଶ୍ୱାସ, ରାଷ୍ଟ୍ରୀୟ ଭାବନା ଏବଂ ସାମୂହିକ ଇଚ୍ଛାଶକ୍ତିର ଆଧୁନିକ ପ୍ରତୀକ ହେବ ଯାହା
  ପରବର୍ତ୍ତୀ ପିଢ଼ିକୁ ଅନୁପ୍ରାଣିତ କରିବ : ପ୍ରଧାନମନ୍ତ୍ରୀ
- ରାମ ମନ୍ଦିର ନିର୍ମାଣ 'ଳରେ ସ୍ଥାନୀୟ ଅର୍ଥବ୍ୟବସ୍ଥାରେ ପରିବର୍ତ୍ତନ ଆସିବ : ପ୍ରଧାନମନ୍ତ୍ରୀ
- ରାମମନ୍ଦିର ସ୍ୱପ୍ନକୁ ସାକାର କରିବା ଲାଗି ସଂଘର୍ଷ କରିଥିବା ଲୋକମାନଙ୍କୁ ସ୍ମରଣ କରିବା ସହ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ
- ଶ୍ରୀରାମ ହେଉଛନ୍ତି ଦେଶର ବିବିଧତା ମ୍ଭରେ ଏକତାର ସୂତ୍ର : ପ୍ରଧାନମନ୍ତ୍ରୀ
- ବର୍ତ୍ତମାନର କୋଭିଡ ପରିସ୍ଥିତିରେ 'ଦୁଇ ଗଜ ଦୂରତା-ମାସ୍କ ଜରୁରି', 'ମର୍ଯ୍ୟାଦା'ର ଆବଶ୍ୟକତା ରହିଛି



ଶ୍ରୀରାମଙ୍କ ଏସବୁ ଆଦର୍ଶକୁ ପାଳନ କରି ଦେଶ ପ୍ରଗତି ପଥରେ ଅଗ୍ରସର ହେଉଛି ।

ଆପୋସ ସ୍ନେହ ଏବଂ ଭ୍ରାତୃତ୍ୱ ଭାବର ମୂଳଦୁଆ ଉପରେ ମନ୍ଦିର ନିର୍ମାଣ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ଜୋର ଦେଇଥିଲେ । ସେ କହିଥିଲେ ଯେ 'ସବକା ସାଥ(ସମସ୍ତଙ୍କର ସହଯୋଗ)' ଜରିଆରେ ଓ 'ସବକା ବିଶ୍ୱାସ (ସମସ୍ତଙ୍କର ବିଶ୍ୱାସ)' ସହିତ ଆମେ 'ସବକା ବିକାଶ(ସମସ୍ତଙ୍କର ବିକାଶ)'ର ଲକ୍ଷ୍ୟ ହାସଲ କରିବୁ ଏବଂ ଆତ୍ମବିଶ୍ୱାସୀ ଓ ଆତ୍ମନିର୍ଭର ଭାରତର ନିର୍ମାଣ କରିବୁ । ବିଳମ୍ବ ହେବା ଅନୁଚିତ ଏବଂ ଆମେ ଆଗକୁ ଆଗେଇ ଯିବା ଉଚିତ, ଶ୍ରୀରାମଙ୍କ ଏହି ବାଣୀ ଉପରେ ସେ ଆଲୋକପାତ କରିବା ସହିତ ସାରା ଦେଶ ଏହାକୁ ଅନୁସରଣ କରିବା ଆବଶ୍ୟକ ବୋଲି କହିଥିଲେ ।

ଅଭିଭାଷଣର ଶେଷରେ ପ୍ରଧାନମନ୍ତ୍ରୀ ବର୍ତ୍ତମାନର କୋଭିଡ ପରିସ୍ଥିତିରେ ଶ୍ରୀରାମଙ୍କ 'ମର୍ଯ୍ୟାଦା' ମାର୍ଗର ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ 'ଦୁଇ ଗଜ ଦୂରତା-ମାସ୍କ ଜରୁରି' ବର୍ତ୍ତମାନର ପରିସ୍ଥିତିରେ ଆବଶ୍ୟକ ମର୍ଯ୍ୟାଦା ଏବଂ ଏହାକୁ ସମସ୍ତେ ପାଳନ କରିବା ଉଚିତ ବୋଲି ସେ ଆହ୍ୱାନ କରିଥିଲେ ।

# ମୋବାଇଲ ନେଟ୍‌ୱାର୍କ ନାହିଁ : ଅନଲାଇନ୍ ଶିକ୍ଷା ବ୍ୟବସ୍ଥା ଢ଼ୋ'

କଳାହାଣ୍ଡି, (କେପିଏନ୍ଏସ୍) : ମ. ରାମପୁର ଅନ୍ତର୍ଗତ ଅନେକ ଉପାନ୍ତ ଓ ଆଦିବାସୀ ଅଧ୍ୟୁଷିତ ଗ୍ରାମ ପଞ୍ଚାୟତ ଓ ଗାଁ ଅଛି ଯେଉଁଠି ମୋବାଇଲ ନେଟ୍‌ୱାର୍କ ସାତ ସପନ । ମାଣିକେରା ଗ୍ରା.ପ. ଅନ୍ତର୍ଗତ ଉପର ନୂଆଁଗାଁ, ତଳ ନୂଆଁଗାଁ, ମାର୍ଦ୍ଦାଯୋର, କମ୍‌ଗାଁ, ବାଜାମୁଣ୍ଡା, ଅସରକୁପା, ଯୁଗେଇ ଭଳି ଅନେକ ଆଦିବାସୀ ଅଧ୍ୟୁଷିତ ଗାଁ ଅଛି, ଯେଉଁଠି ଏ ପର୍ଯ୍ୟନ୍ତ ମୋବାଇଲ ନେଟ୍‌ୱାର୍କ ନାହିଁ । ତଳଗାଁ ଠାରେ ୨୦୨୦ ମସିହାରେ ଏକ ମିନି ବିଏସଏନଏଲ ଟାୱାର ବସିଥିଲେ ବି ଦିନ ଦିନ ଧରି ନେଟ୍‌ୱାର୍କ ଆସୁନାହିଁ । ଫଳତଃ ଏ ଅଂଚଳରେ କରୋନା କଟକଣା ଯୋଗୁଁ ଶିକ୍ଷା ବିଶେଷ ବାଧାପ୍ରାପ୍ତ ହେଉଛି । ଗାଁରୁ ୭ କି.ମି. ଦୂର ମୋହନଗିରି ଗଲେ ହିଁ ନେଟ୍‌ୱାର୍କ ଉପଲବ୍ଧ ହୋଇପାରୁଛି । ବିଦ୍ୟୁତ ସରବରାହ ମଧ୍ୟ ବାରମ୍ବାର ବ୍ୟାଘାତ ହେଉଛି । ଘରେ ବସି ପାଠ ପଢ଼ିବା କିମ୍ବା ମୋବାଇଲରେ ପଢ଼ିବା ଏଠାରେ ସମ୍ଭବପର ହୋଇ ପାରୁନାହିଁ । ଆଦିବାସୀ ଓ ଗରିବ ଜନସାଧାରଣ ହୋଇଥିବାରୁ ସମସ୍ତଙ୍କ ଘରେ ଟିଭି. କିମ୍ବା ଏନଡ୍ରଏଡ଼ ମୋବାଇଲ ନାହିଁ । କେବଳ ଏତିକି ନୁହେଁ, ମୋହନଗିରି, ମାଣିକେରା, ଦେଢ଼ଶୁଳି, ଲୁବେନଗଡ଼, ସିଂହପୁର ଗ୍ରା.ପ. ଅଧୀନସ୍ଥ ଅନେକ ଗାଁରେ ଏ ପର୍ଯ୍ୟନ୍ତ ମୋବାଇଲ୍ ନେଟ୍‌ୱାର୍କ, ବିଦ୍ୟୁତ କିମ୍ବା ଗମନାଗମନର ସୁବିଧା ନାହିଁ ।

ଅଂଚଳର ଜନସାଧାରଣ ଏଥି ସକାଶେ ଯୋଗାଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏଣୁ ଏ ଅଂଚଳର ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଏହାର ବିହିତ ପଦକ୍ଷେପ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି । ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟି ଦିଅନ୍ତୁ ।

## ସଂପୃକ୍ତ ଅଂଚଳର ଛାତ୍ରଛାତ୍ରୀଙ୍କ ମୁହଁରୁ....



ମାର୍ଚ୍ଚ ମାସ ୨୫ ତାରିଖରୁ ମୁଁ ଘରେ ଅଛି । ତଳ ନୂଆଁଗାଁରେ ଏକ ମିନି ବିଏସଏନଏଲ ମୋବାଇଲ ଟାୱାର ଥିଲେ ବି ବାରମ୍ବାର ଫେଲ ହେଉଛି । ଫଳତଃ ମୋବାଇଲରେ ପାଠପଢ଼ା ବ୍ୟାଘାତ ହେଉଛି । ଦିନ ଦିନ ଧରି ମୁଁ ପଢ଼ି ପାରୁନାହିଁ । ବିଶ୍ୱବିଦ୍ୟାଳୟ ସହ ସଠିକ ଭାବେ ଯୋଗାଯୋଗ ହୋଇ ପାରୁନାହିଁ ।

**ସତ୍ୟବ୍ରତ ପନ୍ଦର, ଏମଏ, ୨ୟ ବର୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**



କରୋନା କଟକଣା ଯୋଗୁଁ ଘରେ ରହିଛି । ପଢ଼ାପଢ଼ିରେ ଘୋର ଅସୁବିଧା ହେଉଛି । ମୋବାଇଲରେ ନେଟ୍‌ୱାର୍କ ଆସୁନାହିଁ । ଆମ ଅଂଚଳର ଛାତ୍ରଛାତ୍ରୀମାନେ ପାଠପଢ଼ାରୁ ବିଶେଷ ଭାବେ ବଂଚିତ ହେଉଛନ୍ତି । ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ।

**ଲୀଳା ପାତ୍ର, ଏମଏ, ୨ୟ ବର୍ଷ, କିସ୍, ଭୁବନେଶ୍ୱର**



ଲକ ଡାଉନ ଯୋଗୁଁ ଘରେ ରହିଛି । ନେଟ୍‌ୱାର୍କ ଫେଲ ହେତୁ ପଠାପଢ଼ି ଠପ୍ । ଯଥାଶୀଘ୍ର ନେଟ୍‌ୱାର୍କ ବ୍ୟବସ୍ଥା ହେବା ଏକାନ୍ତ ଆବଶ୍ୟକ ।

**ଝରଣା ଧରୁଆ, +୨ ଦ୍ୱିତୀୟ ବର୍ଷ, କିସ୍, ଭୁବନେଶ୍ୱର**



ଲଗ୍ ଡାଉନ୍ ଦିନରୁ ଗାଁରେ ଅଛି । ନେଟ୍‌ୱାର୍କ ଅସୁବିଧା ଯୋଗୁଁ ମୋ' ପଢ଼ାପଢ଼ିରେ ଘୋର ଅସୁବିଧା । ବିଶ୍ୱବିଦ୍ୟାଳୟ ସହ ଯୋଗାଯୋଗ ପାଇଁ ୭ କିମି. ବାଟ ଯିବାକୁ ପଡୁଛି । ଆମ ଅଂଚଳରେ ମୋବାଇଲ ନେଟ୍‌ୱାର୍କ ସ୍ଥାପନ ହେବା ନିହାତି ଦରକାର ।

**ବିଶ୍ୱଜିତ ଧରୁଆ, ଏମଏସସି, ୨ୟ ବର୍ଷ, ଏଏମଆଇଟି, ଖୋର୍ଦ୍ଧା**


# ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ସଂଘ ତରଫରୁ ଦାବୀ ଉପସ୍ଥାପନ

ବଲାଙ୍ଗିର, (ନିପ୍ର) : କୋଭିଡ୍-୧୯ ଆଳରେ ପଶ୍ଚିମ ଓଡିଶା ମହାନ ଗଣପର୍ବ ନୂଆଖାଇକୁ କୌଣସି ପ୍ରକାର କଟକଣା ଲାଗୁ ନ କରିବାକୁ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ତରଫରୁ ମୁଖ୍ୟ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର, ସଭାପତି ଘାସିରାମ ମିଶ୍ର ଏବଂ ସଂପାଦକ ବସନ୍ତ ଆଚାର୍ଯ୍ୟ ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି, ତେଣୁ ରଜ ଏବଂ ରଥଯାତ୍ରା ପର୍ବ ପାଳନ ଭଳିଆ ଆସନ୍ତା ୨୩ ତାରିଖରେ ପାଳିତ ହେଉଥିବା ନୂଆଁଖାଇ ପର୍ବକୁ ସାମାଜିକ ଦୂରତା ରକ୍ଷା କରି ପାଳନ କରିବାକୁ ଅନୁମତି ଦେଲେ ସରକାରଙ୍କ ପ୍ରତି ଏହି ଅଂଚଳର ହାରାହାରି ୨କୋଟି ଜନସାଧାରଣ ଆସ୍ଥା ପ୍ରଦାନ କରିବେ । ଯଦି ଏଥିରେ ସରକାର କୌଣସି ବାଧା ସୃଷ୍ଟି କରନ୍ତି ତାହା ହେଲେ ଏହି ଅଂଚଳବାସୀଙ୍କ ପ୍ରତି ବୈମାତୃକ ମନୋଭାବ ଥିବାର ପ୍ରମାଣ ହୋଇଯିବ ଏବଂ ଜନ ଅସନ୍ତୋଷ ମଧ୍ୟ ହେବ ।

ତେଣୁ ଆସନ୍ତା ତା.୨୨ରୁ ୨୪ ତାରିଖ ୩ ଦିନ ପର୍ଯ୍ୟନ୍ତ ସାମାଜିକ ଦୂରତା ଲାଗୁ କରି କଟକଣା ମୁକ୍ତ କରିବାକୁ ଅନୁରୋଧ ।

# କରୋନା ମୁକ୍ତ ହେଲେ ଅଭିଷେକ ବଚ୍ଚନ






ମୁମ୍ବାଇ, (ସ୍ୱପ୍ର) : ବଲିଉଡ଼ ଅଭିନେତା ଅଭିଷେକ ବଚ୍ଚନ ଦୀର୍ଘ ୨୯ ଦିନ ଧରି ଚିକିତ୍ସିତ ହେବା ପରେ କରୋନା ମୁକ୍ତ ହୋଇଛନ୍ତି । ତାଙ୍କ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଥିବା ସେ ଟ୍ୱିଟ୍ କରି ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ତାଙ୍କ ପିତା ଅମିତାଭ ବଚ୍ଚନ ଏହା ପୂର୍ବରୁ କରୋନାରୁ ଆରୋଗ୍ୟ ହୋଇ ଘରକୁ ଫେରି ସାରିଛନ୍ତି ।

# ଓଡ଼ିଶାରୁ ୧୯ ଜଣ ସିଭିଲ ସର୍ଭିସ ପରୀକ୍ଷାରେ ସଫଳ

ନୂଆଦିଲ୍ଲୀ, (ସ୍ୱପ୍ର) : ଏଥର ଓଡ଼ିଶାରୁ ୧୯ ଜଣ ସିଭିଲ ସର୍ଭିସ୍ ପରୀକ୍ଷାରେ ସଫଳତା ହାସଲ୍ କରି ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି । ଭାରତୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ୍ ସର୍ଭିସ୍ ପରୀକ୍ଷା ୨୦୧୯ରେ ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ ୮୨୯ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଟପ୍ ଟେନ୍‌ରେ ରହିଛନ୍ତି ପ୍ରଦୀପ ସିଂହ, ଯତୀନ କିଶୋର, ପ୍ରତିଭା ବର୍ମା, ହିମାଂଶୁ ଜୈନ, ଜୟଦେବ ସିଏସ, ବିଶାଖା ଯାଦବ, ଗଣେଶ କୁମାର ଭାସ୍କର, ଅଭିଷେକ ସରାଫ, ରବି ଜୈନ ଓ ସଂଜିତା ମହାପାତ୍ର । ହରିୟାନାର ପ୍ରଦୀପ ସିଂ ଚଳିତ ପରୀକ୍ଷା ଫଳରେ ଟପ୍ପର ହୋଇଛନ୍ତି । ଓଡ଼ିଶାରୁ ଦଶମ ସ୍ଥାନରେ ରହିଛନ୍ତି ସଂଜିତା ମହାପାତ୍ର, ୧୦୭ରେ ଅଂଶୁମାନ ରାଜ, ୧୨୦ରେ ଅନୁପ ଦାସ, ୧୨୫ରେ ନଓଲ କୁମାର ଜୈନ, ୧୮୨ରେ କୁମାର ବିଶ୍ୱରଂଜନ, ୧୯୦ରେ ଶୈଳଜା ଦାସ, ୧୯୫ରେ ବେଦଭୂଷଣ, ୨୨୫ରେ ହେମା ନାୟକ, ୨୨୯ରେ ଆରୁଷି ମିଶ୍ର, ୨୯୪ରେ ଅଙ୍କିତ ଶଙ୍କର ମିଶ୍ର, ୩୦୦ରେ ସୋନାଲି ମିଶ୍ର, ୩୦୪ରେ ବିଷ୍ଣୁ ଦାସ, ୩୧୨ରେ ଦିବ୍ୟା ମିଶ୍ର, ୩୬୧ରେ ଅର୍ଘ୍ୟ ପଟ୍ଟନାୟକ, ୩୭୯ରେ ରୁବିନ ମହାପାତ୍ର, ୪୪୧ରେ ସମୀର କୁମାର ଜେନା, ୫୬୭ ମାନସ ରଂଜନ ସାହୁ, ୭୧୫ରେ ଓମପ୍ରସାଦ ମହାନ୍ତି ଏବଂ ୮୧୯ରେ ବିଭୂତି ଭୂଷଣ ନାୟକ । ରିପୋର୍ଟ ଅନୁଯାୟୀ ସାଧାରଣ ବର୍ଗରେ ୩୦୪ ଜଣ ସଫଳତା ପ୍ରାପ୍ତ ହୋଇଥିବା ବେଳେ ଅନୁସୂଚିତ ଜାତିର ୧୨୯, ଜନଜାତି ବର୍ଗର ୬୭, ଓବିସି ବର୍ଗର ୨୫୧ ଓ ଆର୍ଥିକ ତଥା ସାମାଜିକ ଦୁର୍ବଳ ବର୍ଗର ୭୮ ଜଣ ସିଭିଲ ସର୍ଭିସରେ ସଫଳତା ପ୍ରଦର୍ଶନ କରିଛନ୍ତି । ତେବେ ସିଭିଲ ସର୍ଭିସ୍ ପରୀକ୍ଷାରେ ସଫଳତା ପ୍ରଦର୍ଶନ କରିଥିବା ସମସ୍ତଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣା ଯାଇଥିବା ବେଳେ ସେମାନଙ୍କ ଦ୍ୱାରା ଓଡ଼ିଶା ମାଟିର ବିଶେଷ ସମୃଦ୍ଧି ହେବ ବୋଲି ବିଶ୍ୱାସ କରାଯାଉଛି ।

## ଦୋଷୀଙ୍କୁ ଗିରଫ୍ ଓ ନିର୍ଦ୍ଦୋଷୀଙ୍କୁ....

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ପୁଲିସ ଜିତେନ୍ଦ୍ର ସୁନାଙ୍କ ଘର ଉପରେ ଅତର୍କିତ ଚଢ଼ାଉ କରିଥିଲା । ସେ ଚଢ଼ାଉରେ ବିଷ୍ଣୁଧର ସୁନା(୫୪), ବିଶ୍ୱନାଥ ସୁନା (୫୦), ରାଜେନ୍ଦ୍ର ସୁନା (୩୦), ଶ୍ରୀକାନ୍ତ ସୁନା (୨୦) ଓ ଚଂଚଳ ଶିକା (୬୦)ଙ୍କୁ ଗିରଫ୍ କରି ଥାନାକୁ ନିଆଯାଇଥିବା କୁହାଯାଇଛି । ତେବେ ଗତକାଲି ଡାକ୍ତରଖାନା ତରଫରୁ ଜିତେନ୍ଦ୍ର ସୁନାଙ୍କୁ କୋଭିଡ୍ ଟେଷ୍ଟ ହେବା ପରେ ଆଇସୋଲେସନ ୱାର୍ଡ଼ରେ ଭର୍ତ୍ତି କରାଯାଇଥିଲା । ଦିନ ଅଢ଼େଇଟାରେ ସେହି ରୋଗରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା । କିନ୍ତୁ ନିୟମ ବିରୁଦ୍ଧରେ ହଠାତ୍ ତାଙ୍କ ମୃତ ଶରୀରକୁ ରାତି ଅଧରେ ପୋର୍ଟମର୍ଟମ୍ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଆଶ୍ଚର୍ଯ୍ୟଜନକ । ସେହିପରି ଦଳିତ, ଦୁଃଖୀତ ପରିବାରର ଅଭିଯୋଗକୁ ଅଣଦେଖା କରି ଡାକ୍ତର ଓ ନର୍ସଙ୍କୁ ଗିରଫ୍ କରିବା ପରିବର୍ତ୍ତେ ଶୋକ ସନ୍ତପ୍ତ ପରିବାରର ୫ ଜଣ ସଦସ୍ୟଙ୍କୁ ରାତି ଅଧରେ ଗିରଫ କରିବା ପ୍ରଶାସନର ଦଳିତମାରଣ ନୀତିକୁ ସର୍ବ ସମ୍ମୁଖରେ ରଖିଛି । ସର୍ବୋପରି ଜିତେନ୍ଦ୍ର ସୁନାଙ୍କ କୋଭିଡ୍ ସଂକ୍ରମଣ ଏବେ ପ୍ରହେଳିକା ପାଲଟିଛି ବଲାଙ୍ଗିରବାସୀଙ୍କ ପାଇଁ ।

## ଭୀମ ଭୋଇ ମେଡ଼ିକାଲରେ......

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଆଇସୋଲେସନ ୱାର୍ଡ଼ରେ ଭର୍ତ୍ତି କରାଯାଇଥିବା କୁହାଯାଉଥିବା ବେଳେ ମୃତକଙ୍କ ସଂପର୍କୀୟମାନେ ମୃତ ରୋଗୀଙ୍କ କୌଣସି ପ୍ରକାର ପରୀକ୍ଷା ହୋଇ ନଥିବା କହିଛନ୍ତି । ତେବେ ରୋଗୀଙ୍କ ସଂପର୍କୀୟମାନେ ଅଭିଯୁକ୍ତ ଡାକ୍ତରଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଜିତେନ୍ଦ୍ରଙ୍କ ପତ୍ନୀଙ୍କୁ ଡାକ୍ତରଖାନାରେ ଚାକିରୀ ପ୍ରଦାନ ଦାବୀ ରଖିଛନ୍ତି । ଜିଲ୍ଲା ପ୍ରଶାସନ ଓ ପୁଲିସ ଘଟଣା ସ୍ଥଳରେ ପହଂଚି ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଭୀମ ଭୋଇ ମେଡ଼ିକାଲରେ ଡାକ୍ତର ଅବହେଳା ଯୋଗୁଁ ବାରମ୍ବାର ରୋଗୀମାନଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହୋଇ ଆସୁଛି । ଅନ୍ୟପଟେ ମେଡ଼ିକାଲ ପ୍ରାଙ୍ଗଣରେ ଫାଣ୍ଡି ଥିବା ସତ୍ତ୍ୱେ ଡାକ୍ତର ଓ ରୋଗୀମାନଙ୍କ ସୁରକ୍ଷା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ପଶ୍ଚିମ ଓଡ଼ିଶାର ଶ୍ରମିକମାନଙ୍କର...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଜଳସେଚନକୁ ପ୍ରୋତ୍ସାହନ, ପ୍ରବାସୀ ଶ୍ରମିକ ପରିବାର ଗୁଡ଼ିକର ଜୀବିକା ସୁଯୋଗକୁ ପୁନର୍ଜୀବିତ କରିବା ପାଇଁ ଦୀର୍ଘସ୍ଥାୟୀ ଜୀବିକା ପ୍ରୋତ୍ସାହନକୁ ଗୁରୁତ୍ୱ ଦେଇ ଗ୍ରାମସ୍ତରରେ ଯୋଜନା ପ୍ରସ୍ତୁତ କରିବା, ଆଇନ ପ୍ରଣୟନକାରୀ ସଂସ୍ଥା ଦ୍ୱାରା ଅସାଧୁ ଶ୍ରମିକ ଠିକାଦାର ଏବଂ ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବୀ କରାଯାଇଛି ।

କୋଭିଡ-୧୯ ମହାମାରୀ ପଶ୍ଚିମ ଓଡ଼ିଶାର ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କ ଜୀବନ ଏବଂ ଜୀବିକାକୁ ମଧ୍ୟ ବହୁତ ପ୍ରଭାବିତ କରି ଥିବାରୁ ସରକାର ପରାମର୍ଶ ଗୁଡ଼ିକୁ ସହୃଦୟତାର ସହ ବିଚାର କରିବେ, ସମସ୍ୟାର ତୁରନ୍ତ ସମାଧାନ ପାଇଁ ବ୍ୟବସ୍ଥା କରିବେ ବୋଲି ଆଶା କରି ଏହି ପ୍ରସ୍ତାବ ପତ୍ରରେ ସ୍ୱାକ୍ଷର କରି ମୁଖ୍ୟମନ୍ତ୍ରୀଙ୍କୁ ପଠାଇଛନ୍ତି ପ୍ରଶାନ୍ତ ନାୟକ,ସଂପାଦକ ,ଆବାହକ, ଗୌରୀଶ୍ୟାମ ପଣ୍ଡା ପଶ୍ଚିମ ଓଡିଶା ସ୍ଥାନାନ୍ତରଣ ନେଟୱର୍କ, ଶ୍ରୀ ଅଶୋକ ପଟ୍ଟନାୟକ, କର୍ତ୍ତବ୍ୟ, ନୁଆଗଡ଼, କଳାହାଣ୍ଡି, ଡି. ସିଂ ବାବୁ, ଆହେଡ଼, ଖରିଆର, ନୂଆପଡା, ସଦାନନ ମେହେର, ସଂକଳ୍ପ, ବଲାଙ୍ଗିର, ସତ୍ୟ ପଟ୍ଟନାୟକ, ସେବାଜଗତ, ମ. ରାମପୁର, କଳାହାଣ୍ଡି , ରୁଦ୍ର ପଟ୍ଟନାୟକ, ପରଦା, ନୂଆପଡ଼ା, ଅଥିର ସିଂ ଧରୁଆ, ଶ୍ରମିକ ଶକ୍ତି ସଂଘ, ବଙ୍ଗୋମୁଣ୍ଡା, ବଲାଙ୍ଗିର , ସୂର୍ଯ୍ୟନାରାୟଣ ଦାସ, ପତଙ୍ଗ, ସମ୍ବଲପୁର, ଅନଙ୍ଗ ନେଗୀ, ରେଆର, ସୁବର୍ଣ୍ଣପୁର, ହୀରାଲାଲ ମିଶ୍ର, ପଲ୍ଲୀଆଲୋକ ପାଠାଗାର, ଆଗଲପୁର, ବଲାଙ୍ଗିର , ଶ୍ରୀ ସରୋଜ କୁମାର ବାରିକ, ସ୍ଥାନାନ୍ତର ସୁଚନା ସାଧନ କେନ୍ଦ୍ର, ବଲାଙ୍ଗିର, ସଂଜୀବ ପଟ୍ଟନାୟକ, ଆଶା, ଟିଟିଲାଗଡ, ବଲାଙ୍ଗିର, ମୁରଲୀ ଦାଶ, ସାମାଜିକ କର୍ମୀ, ବଲାଙ୍ଗିର, ଦୟାସାଗର ପଧାନ, ସ୍ଥାନାନ୍ତର ସୁଚନା ସାଧନ କେନ୍ଦ୍ର, ବଲାଙ୍ଗିର ।


## ନଦୀରେ ବୁଡ଼ି ୩ ଶିଶୁ ମୃତ

ନବରଙ୍ଗପୁର, (ସ୍ୱପ୍ର) : ନଦୀରେ ବୁଡ଼ି ୩ ଶିଶୁ ମୃତ୍ୟୁବରଣ କରିଥିବା ବେଳେ ସାରା ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ସ୍ଥାନୀୟ ତୋହରାର ତେଲ ନଦୀରେ ଦୁଇ ଜଣ ଶିଶୁ କନ୍ୟା ଓ ଜଣେ ଶିଶୁ ସନ୍ତାନ ବୁଡ଼ି ଯାଇଥିବା ଖବର ମିଳିଛି । ତିନି ଜଣ ଯାକ ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଏଭଳି ଘଟଣା ଘଟିଛି । ଦୀର୍ଘ ସମୟ ଧରି ଘରକୁ ଫେରି ନଥିବାରୁ ପରିବାର ଲୋକେ ଶିଶୁମାନଙ୍କୁ ଖୋଜିଥିଲେ ଏବଂ ପରେ ଉମରକୋଟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ତେବେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ନଦୀ ଭିତରୁ ତିନି ଶିଶୁଙ୍କ ମୃତ ଦେହ ଉଦ୍ଧାର କରିଥିବା ଜଣାପଡ଼ିଛି ।

## ସିନ୍ଧେକେଲା : ୧୧ ତାରିଖ ଦିନ ଜୀବନ ବିନ୍ଦୁ ରକ୍ତଦାନ ଶିବିର

ସିନ୍ଧେକେଲା, (ନିପ୍ର) : ଆସନ୍ତା ୧୧ ତାରିଖ ଦିନ ସିନ୍ଧେକେଲାରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ବିଜେଡ଼ି. ନେତା ଅଜୟ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଜି ସ୍ଥାନୀୟ ଦୁଆରସେନୀ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । କୋଭିଡ୍ ନିୟମ ପାଳନ ସହ ଆୟୋଜିତ ଏହି ଏଥିରେ ବିଜେଡ଼ି.ର ବହି ବରିଷ୍ଠ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ ।

## ଲକ୍ଷ୍ନୌରେ ହେବାକୁ ଥିବା ଜାତୀୟ ଶିବିର ଘୁଂଚିଲା



ନୂଆଦିଲ୍ଲୀ, (ସ୍ୱପ୍ର) : ଲକ୍ଷ୍ନୌଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ଶିବିରରେ ଯୋଗଦାନ ପାଇଁ ସୁରକ୍ଷିତ ମଣି ନାହାନ୍ତି ଭାରତୀୟ ମହିଳା କୁସ୍ତି ଯୋଦ୍ଧା ସମୂହ । ଏଣୁ ଘୁଂଚାଇ ଦିଆଯାଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ସ୍ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ ସେଣ୍ଟର ନିକଟରେ ରହିଥିବା ହଜ୍ ହାଉସ୍ ଏବେ ୟୁପି ସରକାରଙ୍କ ପକ୍ଷରୁ କୋଭିଡ୍ କେୟାର୍ ପାଇଁ ବ୍ୟବହୃତ ହୋଇଛି । ଅନେକ ରୋଗୀ ଏଠାରେ ରହିଛନ୍ତି । ତେବେ ଏସବୁକୁ ଦୃଷ୍ଟିରେ ରଖି ମହିଳା କୁସ୍ତି ଯୋଦ୍ଧାମାନେ ଲକ୍ଷ୍ନୌ ଯାତ୍ରାକୁ ଅସୁରକ୍ଷିତ ଚିନ୍ତା କରିଛନ୍ତି । ତେବେ ସୁନାମଧନ୍ୟା ମହିଳା କୁସ୍ତି ଯୋଦ୍ଧାମାନେ ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଯୋଗଦାନ ପାଇଁ ମନା କରି ଦେଇଥିବାରୁ ଶିବିରକୁ ସ୍ଥଗିତ ରଖା ଯାଇଛି ।

## ବେଲପଡା ଖେଳପଡିଆଠାରେ ସଫେଇ କାର୍ଯ୍ୟକ୍ରମ

ବଙ୍ଗୋମୁଣ୍ଡା, (ସ୍ୱପ୍ର) : ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡା ଗ୍ରାମରେ ଥିବା ଖେଳପଡିଆ ଠାରେ ବେଲପଡା ସରପଂଚ ଅଞ୍ଜନା ମେହେରଙ୍କ ନେତୃତ୍ୱରେ ମା' ବଷ୍ଟେନ କ୍ରିକେଟ କମିଟିର ସମସ୍ତ ସଦସ୍ୟମାନଙ୍କ ଦ୍ୱାରା ପଡିଆରେ ଥିବା ବିଭିନ୍ନ ଆଳିଆ ଆବର୍ଜନାକୁ ସଫା ସୁତୁରା କରିବା ସହ ଖେଳପଡିଆକୁ ସରସ ସୁନ୍ଦର ରଖିବା ପାଇଁ ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି ଆଲୋଚନା କରିଥିଲେ । ଏଥିରେ କ୍ୟାପଟେନ୍ ଗୋପାଳ ମେହେର, ଭାଇସ କ୍ୟାପଟେନ୍ ଯୁବରାଜ ମେହେର, କ୍ଷମାସାଗର ମେହେର, ହୀରାଧର ମେହେର, ଶରତ ମେହେର, ଉପେନ୍ଦ୍ର ମେହେର, ଶମ୍ଭୁ ମେହେର, ରୋଶନ ବଘେଲ, ଗୁପେଷ ପୋଢ଼, ପ୍ରଦୀପ ମେହେର, ନବଘନ ମେହେର ଓ ସମସ୍ତ କ୍ରିକେଟ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ ।

## ପାନୀୟ ଜଳ ସମସ୍ୟାକୁ ନେଇ ଅସନ୍ତୋଷ ଗ୍ରାମବାସୀ ପମ୍ପ ହାଉସରେ ପକାଇଲା ତାଲା



ସଇଁନ୍ତଲା, (ନିପ୍ର) : ଜଳ ହିଁ ଜୀବନ ବାର୍ତ୍ତା ନେଇ ସରକାର ଗୁଡ଼ାଏ ଯୋଜନା ପ୍ରଣୟନ କରିଥିବା ବେଳେ ସରକାରଙ୍କ ବାର୍ତ୍ତା ଫେଲ୍ ମାରିଛି ସଇଁନ୍ତଲା ବ୍ଲକ୍ କନ୍ଧକେଲ ଗାଁରେ । ପାନୀୟ ଜଳ ସମସ୍ୟାକୁ କେନ୍ଦ୍ର କରି ଅସନ୍ତୋଷ ଗ୍ରାମବାସୀ ପମ୍ପ ହାଉସରେ ତାଲା ପକାଇଛନ୍ତି । ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଦୀର୍ଘ ଦିନ ଧରି ପିଇବା ପାଣି ସମସ୍ୟା ନେଇ ସରପଞ୍ଚଙ୍କୁ ଅଭିଯୋଗ କରି ଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରିନାହିଁ । ଏଣୁ ଗାଁର ମହିଳାମାନେ ଏକତ୍ରିତ ହୋଇ ପମ୍ପ ହାଉସ୍‌ରେ ତାଲା ପକାଇଥିବା ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁସାରେ ଦୀର୍ଘ ୩ ମାସ ହେଲା କନ୍ଧକେଲ ଗାଁର କେତେକ ପଡ଼ାକୁ ପାଣି ସପ୍ଲାଏ ଠିକ୍ ଭାବରେ ହେଉ ନଥିବା ଯୋଗୁଁ ଅଂଚଳବାସୀ ବାଧ୍ୟ ହୋଇ ଦୂଷିତ ଜଳ ପିଉଛନ୍ତି; ଯାହା ଫଳରେ ବିଭିନ୍ନ ପ୍ରକାର ରୋଗର ଶିକାର ମଧ୍ୟ ହେଉଛନ୍ତି । ଗ୍ରାମବାସୀମାନେ କହିଛନ୍ତି ଯେ, କନ୍ଧକେଲ ଗାଁରେ ପାଣି ଟାଙ୍କି ରହିଥିଲେ ସୁଦ୍ଧା ପାନୀୟ ଜଳ ଯୋଗାଣ ହେଉନାହିଁ । ଏ ସମସ୍ୟା ନେଇ ବାରମ୍ବାର ଗ୍ରାମରେ ବୈଠକର ଆୟୋଜନ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନାହିଁ । ତେବେ ଯଦି ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ନ ହୁଏ, ଆଗାମୀ ସମୟରେ ତୀବ୍ର ଆନ୍ଦୋଳନ ହେବ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି ।

# କୋଶଳ ରାଜ୍ୟ ସମନ୍ୱୟ ସମିତିର ଅଭିଯୋଗ : କରୋନା ଚିକିତ୍ସା କ୍ଷେତ୍ରରେ ମଧ୍ୟ କୋଶଳାଂଚଳକୁ ପାତର ଅନ୍ତର

ବଲାଙ୍ଗିର, (ନିପ୍ର) : କରୋନା ଚିକିତ୍ସା କ୍ଷେତ୍ରରେ ମଧ୍ୟ କୋଶଳାଂଚଳକୁ ପାତର ଅନ୍ତର ଭାବ ପୋଷଣ କରାଯାଉଥିବା ଭଳି ଏକ ଗୁରୁତର ଅଭିଯୋଗ ଆଣିଛି କୋଶଳ ରାଜ୍ୟ ସମନ୍ୱୟ ସମିତି । ଏକ ପ୍ରେସ ବିଜ୍ଞାପ୍ତିରେ କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଓ ସାଧାରଣ ସଂପାଦକ ସୁନୀଲ କୁମାର ପୁରୋହିତ କହିଛନ୍ତି ଯେ, ସାରା ବିଶ୍ୱରେ ଦେଖା ଦେଇଥିବା କରୋନା ମହାମାରୀ ପାଇଁ ସମସ୍ତେ ଆତଙ୍କିତ । ଏହି ବୈଶ୍ୱିକ ବ୍ୟାଧିର ନିରାକରଣ ପାଇଁ ସମଗ୍ର ମାନବ ସମାଜ ସମ୍ମିଳିତ ଭାବେ ଉଦ୍ୟମ କରୁଥିବା ବେଳେ ଏହା ପରିଚାଳନା କ୍ଷେତ୍ରରେ ରାଜ୍ୟ ପ୍ରଶାସନ ତରଫରୁ କୋଶଳାଂଚଳ ପ୍ରତି ପ୍ରଦର୍ଶନ କରାଯାଉଥିବା ଆଂଚଳିକ ବୈଷମ୍ୟ ନିହାତି ନିନ୍ଦନୀୟ ଅଟେ । କରୋନା ସଂକ୍ରମଣ ଯେତେବେଳେ ଓଡ଼ିଶାରେ ଆରମ୍ଭ ହେଲା କୋଶଳାଂଚଳରେ ତାହାର କୌଣସି ଲକ୍ଷଣ ଦେଖା ଦେଇ ନଥିଲା । କିନ୍ତୁ ଓଡ଼ିଶା ସରକାରଙ୍କ ଭୁଲ କରୋନା ପରିଚାଳନା ନୀତି ଓ ନିଷ୍ପତ୍ତି ଯୋଗୁଁ ଏ ଅଂଚଳରେ ମଧ୍ୟ ଏହି ବ୍ୟାଧି ସଂକ୍ରମଣର ରୂପ ନେଇ ଆଜି ଭୟାବହ ଅବସ୍ଥାରେ ପହଂଚିଛି । ସୁନ୍ଦରଗଡ଼ ଓ କଳାହାଣ୍ଡିରେ କରୋନା ଜନିତ ମୃତ୍ୟୁ ଘଟଣା ଘଟିବା ପରେ ଏହି ବ୍ୟାଧିର ଭୟାବହତା ସମଗ୍ର କୋଶଳବାସୀ ଅନୁଭବ କରୁଛନ୍ତି । କିନ୍ତୁ ଦୁର୍ଭାଗ୍ୟର କଥା ଏ ଅଂଚଳରେ କରୋନାର ମୁକାବିଲା ପାଇଁ ଯେଉଁସବୁ ଆନୁସଂଗିକ ଚିକିତ୍ସା ଓ ଅନ୍ୟାନ୍ୟ ବ୍ୟବସ୍ଥା ହେବା କଥା ତାହା ହେଉନାହିଁ । କରୋନାର ମୁକାବିଲା ପାଇଁ କୋଭିଡ଼-୧୯ ଡାକ୍ତରଖାନାମାନ ବହୁ ଆଡ଼ମ୍ବରରେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ କୌଣସି ଡାକ୍ତରଖାନାରେ ଆନୁସଂଗିକ ବ୍ୟବସ୍ଥା ନ ଥିବାରୁ ତଥା ରୋଗୀମାନଙ୍କୁ ଚିକିତ୍ସା କରିବା ପାଇଁ ଆବଶ୍ୟକୀୟ ଡାକ୍ତର ନଥିବାରୁ ରୋଗୀମାନେ ଅସନ୍ତୁଷ୍ଟ ହୋଇ ପଳେଇ ଆସୁଛନ୍ତି । ଇତି ମଧ୍ୟରେ କରୋନା ସଂକ୍ରମିତ ଜଣେକ ସରକାରୀ କର୍ମଚାରୀ ବଲାଙ୍ଗିର କୋଭିଡ଼-୧୯ ଡାକ୍ତରଖାନାରେ ଚାଲିଥିବା ମହା ଠକେଇ ସଂପର୍କରେ ସୋସିଆଲ୍ ମିଡ଼ିଆରେ ଜଣେଇବା ପରେ ତାହା ଚହଳ ସୃଷ୍ଟି କରିଛି । ଏହା ପୂର୍ବରୁ ମଧ୍ୟ କରୋନା ଆକ୍ରାନ୍ତ କିଛି ରୋଗୀ ଉକ୍ତ ଡାକ୍ତରଖାନାରୁ ଅସନ୍ତୁଷ୍ଟ ହୋଇ ଚାଲି ଆସିଥିବା ସମ୍ବାଦ ଦୃଷ୍ଟିଗୋଚର ହୋଇଛି । ଗୋଟିଏ ପକ୍ଷରେ କୋଶଳାଂଚଳର କେବିକେ. ଅଂଚଳରୁ ୧୦୦ ଜଣ ଡାକ୍ତରଙ୍କୁ ଜବରଦସ୍ତ ମୁଖ୍ୟମନ୍ତ୍ରୀଙ୍କ ତଥାକଥିତ କୋଭିଡ଼୍ ହସ୍‌ପିଟାଲ ମାନଙ୍କରେ ଡାକ୍ତର, ଭେଣ୍ଟିଲେଟର ଓ ଅନ୍ୟାନ୍ୟ ଚିକିତ୍ସା ଉପକରଣ ଓ ବ୍ୟବସ୍ଥା ନ ଥିବା ଯୋଗୁଁ ଏ ଅଂଚଳରେ ଭୟାବହ ଅବସ୍ଥା ସୃଷ୍ଟି ହୋଇଛି । ଠିକ୍ ସେହିଭଳି କରୋନା ସଂପର୍କରେ ସଠିକ୍ ଖବର ଜାଣିବା ପାଇଁ କୋଶଳାଂଚଳରେ ସବୁ କରୋନା ଆକ୍ରାନ୍ତଙ୍କୁ ଖୋଜା ଯାଇ ପାରୁନାହିଁ । ଫଳତଃ ଲୋକାଲ୍ କଣ୍ଟାକ୍ଟ ସଂଖ୍ୟା ବହୁଳ ମାତ୍ରାରେ ବଢ଼ିବା ଏବଂ ଆଗାମୀ ଦିନରେ ଗୋଷ୍ଠୀ ସଂକ୍ରମଣର ମଧ୍ୟ ସମ୍ଭାବନା ରହିଛି ।

ପ୍ରେସ୍ ବିବୃତିରେ ଆହୁରି ମଧ୍ୟ କୁହାଯାଇଛି ଯେ, କରୋନା ଭଳି ବୈଶ୍ୱିକ ମହାମାରୀ ସମୟରେ ଏହାର ସଠିକ୍ ମୁକାବିଲା କରା ନ ଯାଇ ପ୍ରଶାସନ ତରଫରୁ କରୋନାକୁ ଏକ ବ୍ୟବସାୟ ରୂପେ ପରିଣତ କରାଯାଇ ଥିବାର ସନ୍ଦେହ ଜନସାଧାରଣଙ୍କ ମନରେ କ୍ରମଶଃ ଘନୀଭୂତ ହେଉଛି । କୋଶଳାଂଚଳ ପ୍ରତି ଏଭଳି ଭୟାବହ ବିପଦ ସମୟରେ ମଧ୍ୟ ଓଡ଼ିଶା ରାଜ୍ୟ ସରକାର ପ୍ରଦର୍ଶନ କରିଥିବା ଆଂଚଳିକ ବୈଷମ୍ୟକୁ କୋଶଳ ରାଜ୍ୟ ସମନ୍ୱୟ ସମିତି ତୀବ୍ର ନିନ୍ଦା କରିବା ସହ ଏ ସଂପର୍କରେ ସିବିଆଇ. ତଦନ୍ତ କରାଯିବାକୁ ମାନ୍ୟବର ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ, ମାନ୍ୟବର ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଓ ମାନ୍ୟବର ଜାତୀୟ ମାନବାଧିକାର କମିଶନଙ୍କୁ ଅପିଲ୍ କରାଯାଉଛି ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ଶ୍ରୀ ମିଶ୍ର ଓ ସାଧାରଣ ସଂପାଦକ ଶ୍ରୀ ପୁରୋହିତ ଜଣାଇଛନ୍ତି ।

କୋଶଳ ପ୍ରବାହ Live

ଲୋକଙ୍କ ପାଖକୁ ତୁରନ୍ତ ଖବର ପହଂଚାଇବା ପାଇଁ 'କୋଶଳ ପ୍ରବାହ'ର ନୂତନ ପ୍ରୟାସ 'କୋଶଳ ପ୍ରବାହ ଲାଇଭ୍' । ଏବେ ଆମ ପାଠକ ଓ ଶୁଭେଚ୍ଛୁମାନଙ୍କ ପାଇଁ ନିୟମିତ ଡିଜିଟାଲ୍ ଖବର ପ୍ରଦାନ ନିମନ୍ତେ ଆମେ ପ୍ରସ୍ତୁତି ଜାରି ରଖିଛୁ । ଖବର ଆସିବ ପ୍ରତ୍ୟହ, ତୁରନ୍ତ ! ମାଟିର କଥା, ବ୍ୟଥା ଓ ଘଟଣାର ଘଣଘଟା ପହଂଚିବ ଠିକ୍ ଜାଗାରେ, ପାଠକଙ୍କ ପାଖରେ । ତାହାର ଡିଜିଟାଲ ମାଧ୍ୟମ ହେବ 'କୋଶଳ ପ୍ରବାହ ଲାଇଭ୍' । ଏଥିପାଇଁ ପ୍ରତ୍ୟେକ ଜିଲ୍ଲା ପାଇଁ ରିପୋର୍ଟର ହେବାକୁ ଇଚ୍ଛୁକ ଥିବା ପ୍ରାର୍ଥୀମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି । ଇଚ୍ଛୁକ ପ୍ରାର୍ଥୀ ଯୋଗାଯୋଗ କରନ୍ତୁ ।

**ଯୋଗାଯୋଗ :**
ସଂପାଦକ : କୋଶଳ ପ୍ରବାହ
ମୋ.ନଂ. : ୯୪୩୭୫୧୦୦୬୨, ୮୨୪୯୧୮୩୭୪୫
email : koshalaprabaha@gmail.com

## ଭୀମଭୋଇ ମେଡିକାଲ କଲେଜ ହସପିଟାଲର ଘଟଣା ଦୁର୍ଭାଗ୍ୟଜନକ

ବଲାଙ୍ଗିର, (ନିପ୍ର) : ଗତ ୮ ତାରିଖ ଦିନ ମେଡିକାଲ କଲେଜ ଡାକ୍ତରଖାନାରେ ଘଟିଥିବା ଡାକ୍ତରଙ୍କୁ ମାଡ ଘଟଣା ଦୁର୍ଭାଗ୍ୟଜନକ ଅଟେ । ବର୍ତ୍ତମାନ କୋଭିଡ୍ -୧୯ ଭଳିଆ ରୋଗର ବିପର୍ତ୍ତି ସମୟରେ ଡାକ୍ତରଖାନାର ସମସ୍ତ ଡାକ୍ତର ତଥା ଅନ୍ୟାନ୍ୟ କର୍ମଚ଼ାରୀ ଯେପରି ଭାବରେ ନିଜର ଜୀବନକୁ ବାଜି ଲଗାଇ ନିରନ୍ତର ଦିନରାତି ସେବା କରି ଚ଼ାଲିଛନ୍ତି ଏହା ନିଶ୍ଚିତ ସମାଜ ପ୍ରତି ଅବଦାନ ଅଟେ । କିନ୍ତୁ ଜଣେ ରୋଗୀ ମୃତ୍ୟୁବରଣ କରିଥିବାରୁ ତାଙ୍କର ପରିବାର ସଦସ୍ୟମାନଙ୍କୁ ନାଗରିକ କମିଟି ସମବେଦନା ଜଣାଇଛନ୍ତି ଏବଂ ମୃତ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ପାଇଁ କାମନା କରୁଛନ୍ତି । ଉକ୍ତ ଘଟଣାର ସମାଧାନ ପାଇଁ ସରକାର ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଆଦିଙ୍କୁ ନେଇ ଏହି ଘଟଣାର ତଦନ୍ତ କରିବାକୁ ନାଗରିକ କମିଟି ପ୍ରସ୍ତାବ ଆଗତ କରୁଛି । କାରଣ ପୂର୍ବରୁ ଏଭଳି ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚ଼ାରୀମାନଙ୍କୁ ଆକ୍ରମଣ କରିବା ନଜିର ରହିଛି । ଡାକ୍ତରମାନଙ୍କୁ କମିଟି ଅନୁରୋଧ କରେ, ସର୍ବ ସାଧାରଣଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଆଖିରେ ରଖି ଯେତେଦୂର ସମ୍ଭବ ହୋଇ ପାରେ ସେବା ଜାରି ରଖିବା କଥା, ଯେପରି ଆଗକୁ ଏପରି ଅଘଟଣ ନଘଟେ ।

ଶେଷରେ ଜିଲ୍ଲାପାଳ, ବଲାଙ୍ଗିର ଏବଂ ଅଧକ୍ଷ ମେଡିକାଲ କଲେଜ ବଲାଙ୍ଗିରଙ୍କୁ ଅନୁରୋଧ ଭବିଷ୍ୟତରେ ଯେପରି କୌଣସି ବିଶୃଙ୍ଖଳା ନ ହେବ ସେଥି ପାଇଁ ଯତ୍ନବାନ ହେବେ ଏବଂ ଏସବୁ ସମସ୍ୟା ପାଇଁ ଗୋଟିଏ ସ୍ଥାୟୀ କମିଟି ଗଠନ କରିବାକୁ ବିଶେଷ ପଦକ୍ଷେପ ନେବେ ।

## ଟିଟିଲାଗଡ଼ରେ ରକ୍ତଦାନ ଶିବିର ଅନୁଷ୍ଠିତ



ଟିଟିଲାଗଡ଼, (ନିପ୍ର) : ଓଡ଼ିଶା ମୋ' ପରିବାର ଆନୁକୂଲ୍ୟରେ ଟିଟିଲାଗଡ଼ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଧର୍ମଶାଳାରେ ମାନ୍ୟବର ବିଧାୟିକା ତଥା ରାଜ୍ୟ ସରକାରଙ୍କ ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁଙ୍କ ତତ୍ତ୍ୱାବଧାନରେ ଏକ ବିଶାଳ ରକ୍ତଦାନ ଶିବିରର ଆୟୋଜନ ହୋଇଥିବା ବେଳେ ଏଥିରେ ଟିଟିଲାଗଡ଼ର ଅନେକ ପୁରୁଷ, ମହିଳା ଓ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି ।

## ମଦ୍ୟପ ସ୍ୱାମୀର ବର୍ବର କାଣ୍ଡ : ୯ମାସର ଗର୍ଭବତୀ ସ୍ତ୍ରୀକୁ ତଂଟି ଚିପି ହତ୍ୟା କଲା



ବଲାଙ୍ଗିର, (ନିପ୍ର) : ମଦ କ'ଣ ନକରେ ! ମାତାଲ୍ ଅବସ୍ଥାରେ ଜଣେ ମଦ୍ୟପ ନିଜ ୯ ମାସର ଗର୍ଭବତୀ ସ୍ତ୍ରୀକୁ ତଂଟି ଚିପି ହତ୍ୟା କରିବା ଭଳି ଏକ ବିଭତ୍ସ ଘଟଣା ଘଟିଛି ବଲାଙ୍ଗିର ସହରର ରାଧାରାଣୀପଡ଼ାରେ । ସୂଚନା ଅନୁସାରେ ନିଜ ସ୍ତ୍ରୀକୁ ବର୍ବର ଭାବେ ହତ୍ୟା କରିବା ପରେ ଫେରାର୍ ମାରିଥିଲା ହତ୍ୟାକାରୀ ସ୍ୱାମୀ । ଅଥଚ ଟାଉନ୍ ଥାନା ପୁଲିସର ସମୟୋଚିତ ପଦକ୍ଷେପ ଯୋଗୁଁ ଗିରଫ୍ ହୋଇଛି ଅଭିଯୁକ୍ତ । ଅଭିଯୁକ୍ତ ସ୍ୱାମୀ ମୋତିଲାଲ ପ୍ରତ୍ୟହ ମଦ ପିଇ ନିଜ ସ୍ତ୍ରୀ ଉପରେ ଅତ୍ୟାଚାର କରୁଥିଲା । ଘଟଣା ଘଟିଥିବା ରାତିରେ ସ୍ତ୍ରୀ ଆନନ୍ଦିନୀ ବାରିକକୁ ନିଜ ଘର ସମ୍ମୁଖରେ ନିସ୍ତୁକ ମାଡ଼ ମାରିବା ପରେ ଘର ଭିତରକୁ ଭିଡ଼ି ନେଇ ତାକୁ ଗଳା ଚିପି ହତ୍ୟା କରିଥିବା ଶୁଣିବାକୁ ମିଳୁଛି । ତେବେ ଖବର ପାଇ ଆଦର୍ଶ ଟାଉନ୍ ଥାନା ପୁଲିସ ତଥା ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଂଚି ତନାଘନା ତଦନ୍ତ ଆରମ୍ଭ କରିଥିଲେ । ଅଭିଯୁକ୍ତ ସ୍ୱାମୀକୁ କଠୋର ଶାସ୍ତି ଦିଆଯାଉ ବୋଲି ମୃତା ଆନନ୍ଦିନୀର ସଂପର୍କୀୟମାନେ କହିଛନ୍ତି । ବଲାଙ୍ଗିର ଏସ୍‌ଡ଼ିପିଓ ଶ୍ରୀମନ୍ତ ବାରିକ ତଥା ଟାଉନ୍ ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ ଘଟଣା ସ୍ଥଳରେ ଉପସ୍ଥିତ ରହି ତଦନ୍ତ ଜାରି ରଖିଥିଲେ ।

## ବଲାଙ୍ଗିର ଟାଉନ ପୁଲିସ ଦ୍ୱାରା ୪ ଲୁଟେରା ଗିରଫ୍




ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଆଦର୍ଶ ଟାଉନ ଥାନା ପୁଲିସ ଦ୍ୱାରା ୪ ଲୁଟେରା ଗିରଫ୍ ହୋଇଥିବା ସଂପୃକ୍ତ ଥାନା ପକ୍ଷରୁ ସୂଚନା ଦିଆଯାଇଛି । ଗତ ୩୧ ତାରିଖ ଦିନ ମଧ୍ୟାହ୍ନ ୧ଟା ୩୦ମି.ରେ ଘଟିଥିବା ଲୁଟ୍ ମାମଲାରେ ଗିରଫ୍ ଅଭିଯୁକ୍ତମାନେ ହେଲେ ବିଭୂତିପଡ଼ାର ରାକେଶ ଭୋଇ ଓ ଗୌତମ ସୁନା, ଚିମ୍‌ନିଭାଟିପଡ଼ାର ସିଟୁ ବନ୍‌ଛୋର୍ ଓ ବିକାଶ ବୁଡ଼େକ୍ । ସେମାନଙ୍କଠାରୁ ନଗଦ ୨୦୦୦ ଟଙ୍କା ଏବଂ ଏକ ଟିଭିଏସ୍ ବାଇକ୍ ମଧ୍ୟ ପୁଲିସ୍ ଜବତ୍ କରିବାରେ ସଫଳ ହୋଇଛି । ଦିଆଯାଇଥିବା ସୂଚନା ଅନୁସାରେ ଅଭିଯୋଗକାରୀ ବୀରମହାରାଜପୁରର ସଚ୍ଚିଦାନନ୍ଦ ସେଠୀ ଦିନ ସାଢ଼େ ଗୋଟିଏ ବେଳେ ସ୍ଥାନୀୟ ଓମେନ୍ସ କଲେଜ୍ ରୋଡ଼ରେ ଯାଉଥିବା ବେଳେ ଚାରି ଜଣ ଅଚିହ୍ନା ଯୁବକ ତାଙ୍କୁ ଭୁଜାଲି ଦେଖାଇ ଲୁଟ୍ କରିଥିଲେ । ତାଙ୍କଠାରୁ ୧୭ ହଜାର ୯ ଶହ ଟଙ୍କା ଏବଂ ଗୋଟିଏ ଭିଭୋ ମୋବାଇଲ୍ ଲୁଟି ନେଇଥିଲେ ।

ତେବେ ଆଦର୍ଶ ଟାଉନ୍ ଥାନା ପକ୍ଷରୁ ସିସିଟିଭି ଫୁଟେଜ୍ ସାହାଯ୍ୟରେ ତଦନ୍ତ କରାଯାଇ ଏହି ଘଟଣାରେ ସଂପୃକ୍ତ ୬ ଜଣଙ୍କୁ ଚିହ୍ନଟ କରାଯିବା ସହ ୪ ଜଣ ଅଭିଯୁକ୍ତ ଲୁଟେରାଙ୍କୁ ଗିରଫ୍ କରାଯାଇଛି ବୋଲି ବଲାଙ୍ଗିର ଆଦର୍ଶ ଟାଉନ୍ ଥାନା ଆଇଆଇସି. ସଂଗ୍ରାମ କେଶରୀ ପଟ୍ଟନାୟକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।




## ଖୁଚୁରା ଫଳ ବେପାରୀ ସଂଘ ଗଠିତ : ସଭାପତି ରୁପେ ରାଜେଶ ମୁନୀ ନିର୍ବାଚିତ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସରକାରୀ ବସଷ୍ଟାଣ୍ଡ ଖୁଚୁରା ଫଳ ବେପାରୀ ସଂଘ ଗଠିତ ହୋଇଯାଇଛି । ଏନେଇ ସରକାରୀ ବସଷ୍ଟାଣ୍ଡ ସମ୍ମୁଖରେ କୋଭିଡ-୧୯କୁ ଆଖି ଆଗରେ ରଖି ସାମାଜିକ ଦୂରତା ରକ୍ଷା କରି ଖୁଚୁରା ଫଳ ବେପାରୀମାନଙ୍କର ଏକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଏକ ସଂଘ ଗଠନ କରିବାକୁ ନିଷ୍ପତ୍ତି କରାଯିବା ସହ ସର୍ବ ସମ୍ମତିକ୍ରମେ ରାଜେଶ କୁମାର ମୁନୀଙ୍କୁ ସଭାପତି ଭାବରେ ମନୋନୀତ କରାଯାଇଥିଲ । ଏନେଇ ସଭାପତି ଶ୍ରୀ ମୁନୀ ନିଜ ପ୍ରତିକ୍ରିୟାରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ବହୁ ଦିନ ହେଲା ବଲାଙ୍ଗିର ସହରରେ ଏକ ଫଳ ବେପରୀ ସଂଘ ପ୍ରତିଷ୍ଠା କରିବାକୁ ଚେଷ୍ଟା ଚାଲିଥିଲା ଯାହାକି ଆଜି ସଫଳ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ବାରମ୍ୱାର ଫଳ ବ୍ୟବସାୟୀଙ୍କ ଯୋଗୁଁ ରାସ୍ତାରେ ଟ୍ରାଫିକ ସମସ୍ୟା ହେଉଥିବା ନେଇ ଅଭିଯୋଗ ହେଉଥିଲା । ଏବେ ଜିଲା ପ୍ରଶାସନ ଆମ୍ଭମାନଙ୍କୁ ଉପଜିଲାପାଳଙ୍କ ଆବସ ଗୃହକୁ ଭାଙ୍ଗି ସେଠାରେ ଖୁଚୁରା ଫଳ ବେପାରୀଙ୍କୁ ଦୋକାନ ଖୋଲିବାକୁ ଅନୁମତି ଦେଇଥିବାରୁ ଆମେ ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଉଛୁ ବୋଲି କହିଥିଲେ ।

ସେହିପରି ସଂଘ ସମ୍ପାଦକ ଭାବେ ଜୟନାରାୟଣ ସ୍ୱାଇଁ, ସହସଂପାଦକ ଭାବେ ଜିତେନ୍ଦ୍ର କୁମାର ମୁନୀ, କୋଷାଧ୍ୟକ୍ଷ ରାଜେଶ୍ୱର କୁଅଁର ମୋନୋନୀତ ହୋଇଥିବା ବେଳେ ଲୋକନାଥ ସ୍ୱାଇଁ, ନୀଳ ଦୋରା, ଲକି ସ୍ୱାଇଁ, ନୀଳ ବେହେରା, ମିଲନ ରାଏ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜଗଦିଶ ମଳଙ୍ଗ, ଏମ.ଡି.ମୃତ୍ୟେକ କୁରେସି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି ।

## ରାମ ମନ୍ଦିର ଆଙ୍କିଲେ ଚିତ୍ରକଳା ଶିଳ୍ପୀ ବାସୁଦେବ ମେହେର

ବଲାଙ୍ଗିର, (ନିପ୍ର) : ରାମ ମନ୍ଦିର ଆଙ୍କୁଛନ୍ତି ଚିତ୍ରକଳା ଶିଳ୍ପୀ ବାସୁଦେବ ମେହେର । ଅବସରପ୍ରାପ୍ତ ଚିତ୍ରକଳା ଶିକ୍ଷକ ଶ୍ରୀ ମେହେର ଜଣେ ଉଚ୍ଚକୋଟୀର ଚିତ୍ର ଶିଳ୍ପୀ ହୋଇଥିବା ବେଳେ ଅଯୋଧ୍ୟାରେ ରାମ ମନ୍ଦିରର ଭୂମି ପୂଜନ ଉତ୍ସବରେ ଉତ୍ସାହିତ ହୋଇ ରାମ ମନ୍ଦିର ଆଙ୍କୁଛନ୍ତି । ଅନେକ ସମୟରେ ସେ ଅଯୋଧ୍ୟାକୁ ଭ୍ରମଣ ପାଇଁ ଯାଇଥିବା ବେଳେ ତାଙ୍କୁ ବେଶ୍ ମୁଗ୍ଧ କରିଥିଲା ଅଯୋଧ୍ୟାର ଦୃଶ୍ୟରାଜି ଏବଂ ତାହା ହିଁ ତୂଳୀ ଦେଇ ଓହ୍ଲେଇ ଆସୁଛି ଚିତ୍ରରେ ବୋଲି ବଲାଙ୍ଗିର ବରପାଲିପଡ଼ା ନିବାସୀ ବାସୁଦେବ ମେହେର ପ୍ରକାଶ କରିଛନ୍ତି । ସେ ଦେଶରେ ତାଙ୍କ କଳା ପାଇଁ ବିଶେଷ ସୁନାମ ପାଇଛନ୍ତି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com